ଧରିତ୍ରୀ
DHARITRI
July 21-27, 2024 ₹ 2/-
ଧରିତ୍ରୀ 50 Years

# ଛୁଟିଦିନ



## ସ୍ମୃତିରେ କାରଗିଲ


ଆଜକୁ ଠିକ୍ ୨୫ବର୍ଷ ତଳେ ଅର୍ଥାତ୍ ୧୯୯୯ମସିହା ମେ ମାସରେ ପାକସ୍ତାନୀ ସୈନ୍ୟ କାର୍‌ଗିଲ ସେକ୍ଟରରେ ଥିବା ଭାରତୀୟ ସୀମାକୁ ଉଲ୍ଲଂଘନକରି ଅକ୍ତିଆର କରିଥିଲେ। ଅହରହ ଗୁଳିବର୍ଷାକରି ଭାରତୀୟ ବୀର ଯବାନମାନେ ଶତ୍ରୁଙ୍କୁ ପରାସ୍ତକରି ଭାରତ ମାତାର ମଥାରେ ପିନ୍ଧାଇଥିଲେ ବିଜୟ ତିଳକ! ୨୬ ଜୁଲାଇ କାରଗିଲ୍ ବିଜୟ ଦିବସ ଅବସରରେ ଏହି ଯୁଦ୍ଧରୁ ସୁରକ୍ଷିତ ଭାବେ ଫେରିଥିବା କେତେଜଣ ବୀରସୈନିକଙ୍କ ଅନୁଭୂତି ସମ୍ପର୍କରେ...

ପ୍ରଚ୍ଛଦ ପ୍ରସଙ୍ଗ ୩



# ସୁଖ ସମୃଦ୍ଧି ପାଇଁ ବାସ୍ତୁ

**ଅ**ନେକଥର ଏମିତି ହୋଇଥିବ, ଘରେ କୌଣସି ଜିନିଷର ଅଭାବ ନଥିବ, କିନ୍ତୁ କଳହ ସବୁବେଳେ ଲାଗି ରହୁଥିବ। ଏପରିକି ଘରର ଉନ୍ନତି ପଥରେ ବାରମ୍ବାର ବାଧା ଉପୁଜିବା ସହ ରୋଜଗାର ତୁଳନାରେ ଖର୍ଚ୍ଚ ବଢିଯାଉଥିବ, ରୋଗବ୍ୟାଧି ଲାଗି ରହୁଥିବ ଇତ୍ୟାଦି। କୁହାଯାଏ, ଏସବୁ କୁଆଡ଼େ ଘରେ ଥିବା ବାସ୍ତୁଦୋଷ ଯୋଗୁ ହୋଇଥାଏ। ତେବେ କ'ଣ କଲେ ଏସବୁରୁ ମୁକ୍ତି ପାଇହେବ ଜାଣନ୍ତୁ ସେ ସମ୍ପର୍କରେ...




✲ ଘରର ମୁଖ୍ୟ ଦ୍ୱାରକୁ ସର୍ବଦା ସଫାସୁତୁରା ରଖିବା ସହ ଏଠାରେ ଯେମିତି ଭଲ ଆଲୋକ ପଡିପାରୁଥିବ ସେ ବ୍ୟବସ୍ଥା କରିବା ଦରକାର।

✲ ରୋଷେଇ ଘରକୁ ସଫା ରଖିବା ସହ ତିଆରି କରାଯାଇଥିବା ପ୍ରଥମ ରୁଟିକୁ ଗୋମାତାଙ୍କୁ ଖାଇବାକୁ ଦେବା ଶୁଭ ହୋଇଥାଏ।

✲ ସପ୍ତାହକୁ ଥରେ ହେଉନା କାହିଁକି ଘରେ ଝୁଣା ଧୂଆଁ ଦେବା ଦ୍ୱାରା ଘରୁ ନକାରାତ୍ମକ ଉର୍ଜ୍ଜା ଦୂର ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

✲ ଘରେ କେବେବି ଗୋଟିଏ ରେଖାରେ ତିନୋଟି କବାଟ ରହିବା ଠିକ୍ ନୁହେଁ। ଏହା ବି ବାସ୍ତୁ ସମସ୍ୟାକୁ ଡାକି ଆଣିଥାଏ।

✲ ଘରେ କୌଣସି ଭଙ୍ଗାରୁଜା ଜିନିଷ କିମ୍ବା ଅଳିଆ ଆବର୍ଜନାକୁ ଗଦେଇକରି ରଖିବା ଠିକ୍ ନୁହେଁ। ଏହାର କୁପ୍ରଭାବ ମଧ୍ୟ ଘରର ସୁଖଶାନ୍ତି ଉପରେ ପଡିଥାଏ।

✲ଯେଉଁ ଫର୍ନିଚର୍‌ର କୋଣଗୁଡ଼ିକ ଗୋଲାକାର ଆକୃତିର ହୋଇଥିବ ସେହି ଫର୍ନିଚର୍‌କୁ ଘରେ ପକାଇବା ଶୁଭ ହୋଇଥାଏ।

✲ ସେହିପରି ଘରେ ଲାଗିଥିବା କୌଣସି ଟ୍ୟାପ୍‌ରୁ ଯେମିତି ପାଣି ଲିକ୍ କରୁନଥିବ ଏବଂ ଜଳ ନିଷ୍କାସନର ବ୍ୟବସ୍ଥା ଘରର ପୂର୍ବ କିମ୍ବା ଉତ୍ତର ଦିଗରେ ହୋଇଥିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୨୧-୨୭

**ମେଷ**
କର୍ମକ୍ଷେତ୍ରରେ ଉନ୍ନତି, ସଭାସମିତିରେ ସଫଳତା, ସ୍ତ୍ରୀଙ୍କ ପରାମର୍ଶରେ କାର୍ଯ୍ୟସିଦ୍ଧି, ଶତ୍ରୁତାର ଅବସାନ, ଦୂରଯାତ୍ରାର ଯୋଜନା, ପ୍ରକାଶନରେ ତ୍ରୁଟି, କର୍ମକ୍ଷେତ୍ରରେ ଦାୟିତ୍ୱ, ଅସତର୍କତାରୁ ବିବାଦ, କରଜ କରିବାକୁ ପଡ଼ିପାରେ।

**ବୃଷ**
କର୍ମଜଞ୍ଜାଳ ବୃଦ୍ଧି, ଘରକଥା ବୁଝିପାରିବେନି, କଳହରୁ ସମ୍ପର୍କହାନି, ପୈତୃକ ସମ୍ପତ୍ତିରେ ବିବାଦ, ଦେଣନେଣରେ ଟଣାଓଟରା, ଭୁଲ୍ କାମ କରିପାରନ୍ତି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାମାଜିକ ସ୍ତରରେ ସମ୍ମାନ, ବନ୍ଧୁଦ୍ୱାରକୁ ଗମନ।

**ମିଥୁନ**
ପରିବାରରେ ମତାନ୍ତର, ଭୁଲ୍ ବୁଝାମଣାରୁ କଳହ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, ସୁଯୋଗ ହରାଇବେ, ପଡ଼ୋଶୀଙ୍କ ସହଯୋଗ, , ସ୍ଥଗିତ କାର୍ଯ୍ୟାରମ୍ଭ, ଅର୍ଥ ସଙ୍କଟର ସମ୍ମୁଖୀନ।

**କର୍କଟ**
ମନ ଭାରାକ୍ରାନ୍ତ ରହିବ, ବନ୍ଧୁଙ୍କ ସ୍ୱାର୍ଥପରତା, ଦ୍ରବ୍ୟନଷ୍ଟରୁ କ୍ଷୋଭ, ଅସଂଯତ କଥାରୁ କଳହ, ଉଚ୍ଚବର୍ଗଙ୍କ ସମାଲୋଚନା, ରଚନାତ୍ମକ କାମରୁ ପ୍ରଶଂସା, ଆର୍ଥିକ ସ୍ୱଚ୍ଛଳତା, ଅବହେଳିତ କାର୍ଯ୍ୟରୁ ମନସ୍ତାପ।

**ସିଂହ**
ସହକର୍ମୀଙ୍କ ସହ ତିକ୍ତତା, ପ୍ରତୀକ୍ଷିତ ଖବରଟି ପାଇବେ, ବ୍ୟବସାୟର ସଙ୍କୋଚନ, ଅତିଥି ଚର୍ଚ୍ଚାରୁ ଆନନ୍ଦ, କଳାସାହିତ୍ୟରେ ଉନ୍ନତି, ଉଚ୍ଚଶିକ୍ଷା ପ୍ରତି ଆଗ୍ରହ, ସହକର୍ମୀଙ୍କ ବିରୋଧ, ଭ୍ରମଣହେତୁକ କ୍ଳାନ୍ତି।

**କନ୍ୟା**
ନୂତନ କର୍ମାରମ୍ଭ, ବନ୍ଧୁ ସମ୍ପର୍କରେ ଉନ୍ନତି, ଆନ୍ଦୋଳିତ ମନର ଆଶଙ୍କା, ସୁସମ୍ପର୍କରେ ଭୁଲ୍ ବୁଝାମଣା, କାମ ଅଟକି ରହିବ, ଧନହାନିରୁ ମନସ୍ତାପ, ବିଶ୍ୱାସରୁ ପ୍ରତାରଣା, ବନ୍ଧୁଙ୍କ ଓଲଟା କଥା, ମହିଳାଙ୍କ ବଦାନ୍ୟତା, ସାଂସ୍କୃତିକ କାର୍ଯ୍ୟକ୍ରମ, ଦୂରଯାତ୍ରାର ଯୋଜନା ।

**ତୁଳା**
ପଡ଼ୋଶୀଙ୍କ ବିରୁଦ୍ଧାଚରଣ, ବନ୍ଧୁମିଳନର ଖୁସି, ଆତ୍ମୀୟଙ୍କ ଶ୍ରଦ୍ଧା ଓ ଆଦର, ଆଶାବାଦୀ ହେବେ, ଛଳନାତ୍ମକ କଥାରୁ ଦ୍ୱନ୍ଦ୍ୱ, ଯାନ୍ତ୍ରିକ ତ୍ରୁଟିରୁ ହଇରାଣ, କାର୍ଯ୍ୟହାନିରୁ ବିରକ୍ତି ଭାବ, ବିଦେଶଯାତ୍ରାର ଅଫର, ଆର୍ଥିକ ଦୁରବସ୍ଥା, ଶିଳ୍ପବାଣିଜ୍ୟରେ ଉନ୍ନତି।

**ବିଛା**
ପ୍ରକଳ୍ପାରମ୍ଭର ପରିକଳ୍ପନା, ହିତୈଷୀଙ୍କ ପରାମର୍ଶ, ସ୍ଥଗିତ କାର୍ଯ୍ୟ ସମ୍ପନ୍ନ, ସ୍ତ୍ରୀଙ୍କ ପ୍ରେରଣାରୁ ଲାଭ, ଶୁଭଖବରରୁ ଆନନ୍ଦ, ଖୁସିଗପର ମଉକା, ଧର୍ମକାର୍ଯ୍ୟ ପ୍ରତି ରୁଚି, ସହମତିରେ କାର୍ଯ୍ୟସିଦ୍ଧି, ସମସ୍ୟା ସମାଧାନ, ଲୋକସମ୍ପର୍କ ବଢ଼ିବ।

**ଧନୁ**
ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପ୍ରତିବନ୍ଧକ ଦୂରହେବ, ଆନୁଷ୍ଠାନିକ କର୍ମାରମ୍ଭ, ନିର୍ମାଣାଧୀନ କାର୍ଯ୍ୟର ସମାପ୍ତି, ନିଜ ଲୋକଙ୍କୁ ସନ୍ଦେହ, ବୁଝାମଣାରେ ଦ୍ୱନ୍ଦ୍ୱ, ଶିଳ୍ପବାଣିଜ୍ୟରେ ଉନ୍ନତି, ମିଥ୍ୟାଭିଯୋଗ ଆସିପାରେ, ଯାତ୍ରା ସ୍ଥଗିତ ରହିବ।

**ମକର**
ପ୍ରିୟବନ୍ଧୁ ଆସିବେ, ଅପ୍ରିୟ ସତ୍ୟରୁ କଳହ, ଆର୍ଥିକ ଅଭିବୃଦ୍ଧି, ମିତ୍ରତା ବଢ଼ିବ, ପକେଟମାର ଘଟିପାରେ, ଜମିଜମା କ୍ରୟବିକ୍ରୟ, ଚୁକ୍ତିପତ୍ର ସମ୍ପାଦନ, ସନ୍ତାନଙ୍କ କୃତିତ୍ୱ, ସ୍ନାୟବିକ ଦୁର୍ବଳତା, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ଭ୍ରାତୃ ସମ୍ପର୍କରେ ଉନ୍ନତି, ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ।

**କୁମ୍ଭ**
ମାନସିକ ଶାନ୍ତି, ଅର୍ଥଲାଭରୁ ଆନନ୍ଦ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ସଙ୍ଗୀତ ସାଧନାରେ ରୁଚି, ପାରିବାରିକ ମତାନ୍ତର, ଛୋଟକଥାରୁ ବିବାଦ, ପରିସ୍ଥିତିର ମୁକାବିଲା, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ, ପ୍ରାପ୍ୟଧନରେ ବାଧକ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ।

**ମୀନ**
ଅବହେଳିତ କାର୍ଯ୍ୟ, ଉପରିସ୍ଥଙ୍କ କୈଫିୟତ ତଲବ, ଋଣଗ୍ରସ୍ତ ହୋଇପାରନ୍ତି, ଆମୋଦପ୍ରମୋଦର ମଉକା, ଚାକିରିରେ ପଦୋନ୍ନତି, ମର୍ଯ୍ୟାଦାବନ୍ତ ହେବେ, ଆତ୍ମୀୟସ୍ୱଜନଙ୍କ ପ୍ରତିବାଦ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରୁ ଅଶାନ୍ତି, ସ୍ତ୍ରୀଙ୍କ ପ୍ରେରଣା, ଧର୍ମକାର୍ଯ୍ୟ କରିବେ, ନୂତନ ସମ୍ପର୍କ ଯୋଡ଼ିବେ ।

# ଶଙ୍ଖର ବାସ୍ତୁ ଉପଚାର

**ବା**ସ୍ତୁଶାସ୍ତ୍ର ଅନୁସାରେ, ଶଙ୍ଖକୁ ପୂଜାସ୍ଥଳୀରେ ରଖିଲେ କିମ୍ବା ଏହାକୁ ନିୟମିତ ବଜାଇଲେ ଶତ୍ରୁ ନାଶ ହେବା ସହିତ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ। ସେହିପରି କୁହାଯାଏ, ଘରର କୌଣସି ଦିଗରେ ଯଦି କିଛି ବାସ୍ତୁଦୋଷ ରହିଥାଏ, ତା'ହେଲେ ସେହି ସ୍ଥାନରେ ଶଙ୍ଖଟିଏ ରଖିଲେ ବାସ୍ତୁଦୋଷ ଦୂର ହେବା ସହ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ।



ଅନ୍ୟପକ୍ଷେ କିମ୍ବଦନ୍ତୀ ଅନୁଯାୟୀ, ଯେହେତୁ ମାତା ଲକ୍ଷ୍ମୀ ହେଉଛନ୍ତି ସମୁଦ୍ରରାଜଙ୍କର କନ୍ୟା, ତେଣୁ ଶଙ୍ଖର ମାହାତ୍ମ୍ୟତା ସହିତ ମହାଲକ୍ଷ୍ମୀଙ୍କର ମଧ୍ୟ କିଛିଟା ସାମଞ୍ଜସ୍ୟ ରହିଛି। ତେଣୁ କୁହାଯାଏ, ଯେଉଁଠାରେ ଶଙ୍ଖ ରହିଥାଏ ସେଠାରେ ମାତା ଲକ୍ଷ୍ମୀଙ୍କର ମଧ୍ୟ ବାସ ହୋଇଥାଏ। ସେହିପରି ଶଙ୍ଖ ମଧ୍ୟରେ ଜଳ ଭର୍ତ୍ତି କରି ତାହାକୁ ଘରର ଐଶାନ୍ୟ କୋଣରେ ରଖିଲେ ପରିବାର ଲୋକଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ିଭୂତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। କୁହାଯାଏ, ଶଙ୍ଖରେ ରଖାଯାଇଥିବା ଜଳକୁ ପିଲାମାନଙ୍କୁ ପିଇବାକୁ ଦେଲେ ସେମାନଙ୍କର ସ୍ମରଣଶକ୍ତି ବୃଦ୍ଧି ପାଇଥାଏ। ଘରେ ନିୟମିତ ଶଙ୍ଖ ବଜାଇଲେ ଏବଂ ଏହାକୁ ପୂଜା କଲେ ସକାରାତ୍ମକ ଉର୍ଜ୍ଜା ବୃଦ୍ଧି ହେବା ସହ ପରିବାର ଲୋକଙ୍କ ମନୋସ୍କାମନା ମଧ୍ୟ ପୂରଣ ହୋଇଥାଏ। ସେହିପରି କୁହାଯାଏ, ଘରେ ଶଙ୍ଖ ବଜାଇଲେ ପିତୃପୁରୁଷ ଶାନ୍ତି ପାଇବା ସହ ଆତ୍ମଶୁଦ୍ଧି ହୋଇଥାଏ।

# ପାଠକୀୟ

✲ ମହାପ୍ରଭୁ ଶ୍ରୀଜଗନ୍ନାଥ। ଦାରୁରେ ଗଢା ସେ ଦିଅଁ। ପୁଣି ତାଙ୍କର ହୁଏ ନବକଳେବର। କାହିଁ କେଉଁ କାଳରୁ ଚାଲିଆସିଛି ଏ ଅନନ୍ୟ ପରମ୍ପରା। ଚଳିତ ଶତାବ୍ଦୀର ପ୍ରଥମ ନବକଳେବର ଲୀଳା ୨୦୧୫ ମସିହାରେ ସମାହିତ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ଲାଗି ଦାରୁ ସଂଗୃହୀତ ସ୍ଥାନର ସାମ୍ପ୍ରତିକ ସ୍ଥିତି ଏବେ କିପରି ରହିଛି ତାହାକୁ ନେଇ ପ୍ରସ୍ତୁତ ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଦାରୁ ସ୍ଥଳୀରେ' ବେଶ୍ ମନଛୁଆଁ ହୋଇଥିଲା। 'ଫିଟିକିରି ବି ଦୂର କରେ ବାସ୍ତୁ ଦୋଷ', 'ସୁସ୍ୱାସ୍ଥ୍ୟ ପାଇଁ ଆୟୁର୍ବେଦ' ପାଠରୁ ବହୁ ଅଜଣା କଥା ଜାଣିହେଲା।
***– ମନସ୍ୱିନୀ ପ୍ରଧାନ, ଚକ୍ରତୀର୍ଥ ରୋଡ, ପୁରୀ***

✲ ମହାପ୍ରଭୁ ଶ୍ରୀଜଗନ୍ନାଥ। ପୂର୍ଣ୍ଣବ୍ରହ୍ମ ରୂପେ ପ୍ରତିଭାତ। ଅପାର୍ଥିବ ତାଙ୍କ ଲୀଳା। ସେହି ଲୀଳା ସମୂହ ମଧ୍ୟରୁ ଅନ୍ୟତମ ନବକଳେବର। ଏହି ଲୀଳାରେ ଦାରୁଦିଅଁଙ୍କ କଳେବରର ହୁଏ ପରିବର୍ତ୍ତନ। ଅର୍ଥାତ୍ ଦାରୁବିଗ୍ରହ ନୂଆ ରୂପରେ ହୁଅନ୍ତି ନିର୍ମିତ। ସେଥିପାଇଁ ଦାରୁ ଆସିଥିବା ସ୍ଥଳୀ ପାଲଟିଯାଏ ସ୍ମୃତିତୀର୍ଥ। କାହିଁ କେଉଁ ଆବହମାନ କାଳରୁ ଚାଲିଆସିଛି ମହାପ୍ରଭୁଙ୍କ ଏହି ଦିବ୍ୟଲୀଳା। ତେବେ ଉପରୋକ୍ତ ଦାରୁ ସଂଗୃହୀତ ସ୍ଥାନର ସାମ୍ପ୍ରତିକ ସ୍ଥିତି ଏବେ କେମିତି ରହିଛି ତାହାକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଦାରୁ ସ୍ଥଳୀରେ' ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ***– ଧୀରେନ୍ ମହାନ୍ତି, କଳାହାଣ୍ଡି***

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ସାହିତ୍ୟିକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ରଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଦାନ୍ତ ଥିଲେ ଚଣା ନାହିଁ' ଶୀର୍ଷକ ଗପ ଓ 'ବୋଉ କଥା', 'ପାନ୍ଥଶାଳା' ଶୀର୍ଷକ କବିତା ଦୁଇଟି ବି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ***– ପୁଷ୍ପାଞ୍ଜଳି ମିଶ୍ର, ନଖରା, କଟକ***

✲ ବିଶିଷ୍ଟ ଲେଖିକା ତଥା ଡାକ୍ତର ମଞ୍ଜୁବାଳା ପଣ୍ଡାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ହୋଇଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଥିଲା। 'ପିଜ୍ଜାପ୍ରିୟଙ୍କ ପାଇଁ' ଶୀର୍ଷକ ଆଲେଖ୍ୟଟି ନିଆରା ଥିଲା। ମଡେଲ୍ ମିରର୍‌ରେ ଲିଜା ଖୁବ୍ ସୁନ୍ଦରୀ ଲାଗୁଥିଲେ।
***– ହାଡ୍ଡୁ, ଲଡ୍ଡୁ, ବ୍ରହ୍ମପୁର***

✲ ସହରଠୁ ଦୂର ପୃଷ୍ଠାରୁ ହାଇଦ୍ରାବାଦ ଜଗନ୍ନାଥ ମନ୍ଦିର ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରେ ସ୍ଥାନିତ ନିରାପଦ ନୁହେଁ ଗଛ ଆଶ୍ରୟ ଶୀର୍ଷକ ପାଠଟି ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ଚିନ୍ମୟ ଚିନ୍ତନରେ 'ଆମେ ବି ବିଦେଶିଆ' ଶୀର୍ଷକ ପାଠଟି ମନଛୁଆଁ ହେବା ସହିତ ଶିକ୍ଷଣୀୟ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସବୁଠୁ ବୟସ୍କ ୬ ଭଉଣୀ' ଶୀର୍ଷକ ପାଠଟି ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।
***– ରୁକ୍ମଣୀ ସ୍ୱାଇଁ, ଭବାନୀପାଟଣା***




## ବିଶେଷ ଚିଠି

ଦାରୁ ସ୍ଥଳୀରେ ପ୍ରସଙ୍ଗକୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
ଲାଗୁଥିଲା ଭାରୀ ନିଆରା
ମନେ ଭରିଲା ଅପୂର୍ବ ଆନନ୍ଦ।
ସୃଜନ, ସିନେମା, ସହରଠୁ ଦୂର
ତା'ସାଙ୍ଗକୁ ଥିଲା ପୁଣି ପ୍ରଥମ ରୋଜଗାର
ସତରେ ଛୁଟିଦିନ ତୁମର ସବୁ ପୃଷ୍ଠା
ଲାଗେ ଭାରୀ ଆପଣାର।
***– ଅଶୋକ କୁମାର ଦାସ, କେନ୍ଦ୍ରାପଡ଼ା***

**ଧରିତ୍ରୀ ଛୁଟିଦିନ**

**ସମ୍ପାଦକ: ତଥାଗତ ସତପଥୀ**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସ୍ମୃତିରେ କାରଗିଲ



**ଆ**ଜକୁ ଠିକ୍ ୨୫ବର୍ଷ ତଳେ ଅର୍ଥାତ୍ ୧୯୯୯ମସିହା ମେ ମାସରେ ପାକସ୍ତାନୀ ସୈନ୍ୟ କାର୍‌ଗିଲ ସେକ୍ଟରରେ ଥିବା ଭାରତୀୟ ସୀମାକୁ ଉଲ୍ଲଂଘନକରି ଅକ୍ତିଆର କରିଥିଲେ। ସେତେବେଳେ ସେମାନେ ପାହାଡ଼ ଉପରୁ ଭାରତୀୟ ସେନାଙ୍କ ଉପରକୁ ଗୁଳିବର୍ଷଣ କରିଥିଲେ। ସେଇ ଦୁର୍ଗମ ଗିରିପଥରେ ଶତ୍ରୁ ସୈନ୍ୟଙ୍କ ସହିତ ମୁହାଁମୁହିଁ ହୋଇ ବୀର ଯବାନମାନେ ବୋଫର୍ସ କମାଣରେ ପାଲଟା ଜବାବ ଦେଇଥିଲେ। ଆରମ୍ଭ ହୋଇଯାଇଥିଲା କାର୍‌ଗିଲ ଯୁଦ୍ଧ ବା ଅପରେଶନ ବିଜୟ। ଅହରହ ଗୁଳିବର୍ଷାକରି ଭାରତୀୟ ବୀର ଯବାନମାନେ ଶତ୍ରୁଙ୍କୁ ପରାସ୍ତକରି ଭାରତ ମାତାର ମଥାରେ ପିନ୍ଧାଇଥିଲେ ବିଜୟ ତିଳକ! ୨୬ ଜୁଲାଇ କାରଗିଲ୍ ବିଜୟ ଦିବସ ଅବସରରେ ଏହି ଯୁଦ୍ଧରୁ ସୁରକ୍ଷିତ ଭାବେ ଫେରିଥିବା କେତେଜଣ ବୀରସୈନିକଙ୍କ ଅନୁଭୂତି ସମ୍ପର୍କରେ...

## ଯୁଦ୍ଧବେଳେ ମନରେ କେବଳ ଦୁର୍ବାର ସାହସ ଥାଏ:ପ୍ରସନ୍ନ ଚୌଧୁରୀ

କାର୍‌ଗିଲ ଯୁଦ୍ଧରେ ସେତେବେଳେ ସାମିଲ ହୋଇଥିଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଶିଳ୍ପାଞ୍ଚଳର ବର୍ତ୍ତମାନ ଅବସରପ୍ରାପ୍ତ ସୈନିକ ପ୍ରସନ୍ନ ଚୌଧୁରୀ। ସେ କୁହନ୍ତି, 'ଯୁକ୍ତ ୨ ପଢ଼ା ପରେ ୧୯୯୧ମସିହା ୨୫ ଫେବୃଆରୀରେ କଶ୍ମୀରରେ ସୈନିକଭାବେ ଯୋଗଦେଇଥିଲି । ତା'ପରେ ୧୯୯୯ମସିହା ଫେବୃଆରୀରେ ମୋର ବିବାହ ହୋଇଥିଲା। ସେଥିପାଇଁ ଗାଁରେ ୨ମାସ ଛୁଟିରେ ରହି କର୍ମସ୍ଥଳୀକୁ ଫେରିଥିଲି । ସେହିବର୍ଷ ଅର୍ଥାତ୍ ୧୯୯୯ମସିହା ମେ ମାସବେଳକୁ ଗୁଲମାର୍ଗ ସେକ୍ଟରରେ ଆମ ବାଟାଲିଅନ (ମହାରେଜିମେଣ୍ଟ ୧୨ବାଟାଲିଅନ) ଥାଏ । ମୁଁ ଲାନ୍ସ ନାୟକ ବା ସେକ୍ସନ କମାଣ୍ଡର କାମ କରୁଥାଏ । ମେ ୨୪ରେ ଆମେ ଡ୍ୟୁଟି କରୁଥିବା ସ୍ଥାନରେ 'ଦିଲ୍ କ୍ୟା କରେ' ହିନ୍ଦୀ ସିନେମା ଶୁଟିଂ ଚାଲିଥାଏ । ହଠାତ୍ ସେହି ସମୟରେ ବାଟାଲିୟନ ବିଗୁଲ ବାଜିଲା । ଆମେ ସବୁ ଏକାଠି ହେଲୁ । ଆମକୁ ଜଣାଇ ଦିଆଗଲା ଯେ ପାକିସ୍ତାନ ଆକ୍ରମଣ ପାଇଁ ଉଦ୍ୟମ କରୁଛି । କିଛି ଆତଙ୍କବାଦୀ ଦେଶ ଭିତରକୁ ପଶି ଆସିଛନ୍ତି । ଆଉ ଲାଇନ ଅଫ୍ କଣ୍ଟ୍ରୋଲ ଅତିକ୍ରମ କରି ପାହାଡ଼ ଉପରୁ ଗୁଳି ବର୍ଷଣ କରୁଛି। ଏ ଖବର ଆମକୁ ଜଣାଇ ଦିଆଯାଇଥିଲା। ତା'ପରେ ଆବଶ୍ୟକ ଅସ୍ତ୍ରଶସ୍ତ୍ର, ୪ଟି ଲେଖାଏ ଗ୍ରେନେଡ୍, ବନ୍ଧୁକ, ୧୮କିଗ୍ରାର ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍, ମୁଣ୍ଡରେ ବୁଲେଟ୍‌ପ୍ରୁଫ୍ ହେଲ୍‌ମେଟ ଆଉ ପିଠିରେ ୪୦କିଗ୍ରା ଓଜନର ହତିଆର ଲଦି ଚାଲିଲୁ । ୨୫ତାରିଖ ରାତିରେ ସେନାମାର୍ଗରେ ରହଣି ହେଲା। ତା' ପରେ ଟାଇଗର ଭ୍ୟାଲି ଉପରକୁ ଚଢ଼ିଥିଲୁ । ଜଣେ କହିଲେ ଏହି ଟାଇଗର ଭ୍ୟାଲିର ତୀକ୍ଷ୍ଣ ଦୁର୍ଗମ ପଥକୁ ଯିଏ ଆସିଛି ସିଏ ଆଉ ଫେରିନି । ସେଥିପାଇଁ ପୂର୍ବରୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଯାଉଥାଉ। ଖିଆପିଆ ସାରିଥିଲୁ। ରାତି ୧୧ଟାରେ ଖବର ଆସିଲା ଏୟାର ଆଟାକ୍ ହେବ, ବ୍ରିଗେଡ ହେଡ୍‌କ୍ୱାର୍ଟରରୁ ମ୍ୟାପ କଲେକ୍‌ଶନ କରିଥିଲେ। ତା' ପରେ ଟାଇଗର ଭ୍ୟାଲି ଚଢିଥିଲୁ। ଟାଙ୍ଗରା ସହ ବରଫ ପାହାଡ଼କୁ ୮ରୁ ୯ ଡିଗ୍ରି ତାପମାତ୍ରାରେ ଚଢିବା ବେଳେ ପଥର ଖସିଯାଉଥାଏ। ବଡ଼ବଡ଼ ପଥର ତଳେ ଲୁଚିଲୁଚି ରାତିରେ ଯାଇଥିଲୁ। ଖାଇବା ପାଇଁ ସେମିତି କିଛି ଆଉ ନ ଥାଏ। ଯେଉଁଠି ପାଣି ଥାଏ ସେଠାରେ ପାକିସ୍ତାନୀ ସେନା ବିଷ ପକାଇଦେଇଥାନ୍ତି । ୩ଦିନ ସମ୍ପୂର୍ଣ୍ଣ ଭୋକିଲା ରହିଥିଲୁ । ପ୍ରଥମେ ଆମେ ଗ୍ରେନେଡ୍ ମାରି ପାକିସ୍ତାନୀଙ୍କୁ ମାରିଦେଲୁ ଆଉ କେତେଜଣଙ୍କୁ ଖୋକରିରେ ମୁହାଁମୁହିଁ ଆକ୍ରମଣ କରି ମାରିଥିଲୁ। ମରିବୁ ନ ହେଲେ ମାରିବୁ ନୀତିରେ ଲଢ଼େଇ କରିଥିଲୁ । ଆଖିବୁଜି ଶବ ଉପରେ ଶବ ବିଛେଇ ଚାଲିଥିଲୁ । ପାକିସ୍ତାନୀ ହାର ମାନିଥିଲେ। କେତେଜଣଙ୍କୁ ଗିରଫକରିଥିଲୁ । ଯେତେବେଳେ ଆମେ ଯୁଦ୍ଧରେ ମଟିଲ ସେକ୍ଟର ବିଜୟକରି ଅକ୍ତିଆରକଲୁ ତା' ପରେ ଭୋକରେ ଜଳୁଥିବା ପେଟକୁ ଶାନ୍ତି ମିଳିଲା। ଖୁସିରେ ପାକିସ୍ତାନୀ ବଙ୍କରରେ ଚଣା ଖାଇଥିଲୁ। ଶତ୍ରୁ ପରାଜୟ ସ୍ୱୀକାର କରି ଫେରିଯାଇଥିଲା ବେଳେ ବାଟରେ ମାଇନ୍‌ସ ବିଛାଇ ଯାଇଥିଲା। ସେଥିରେ ଆମର କେତେଜଣ ସୈନିକ ଶହୀଦ ହୋଇଥିଲେ। ଯୁଦ୍ଧରେ ସଚ୍ଚିଦାନନ୍ଦ ମଲିକ ଓ ଶ୍ରୀନିବାସ ପାତ୍ର ଶହୀଦ ହୋଇଥିଲେ। ପ୍ରାୟ ୨୫ ଜଣ ଆହତ ହୋଇଥିଲେ। ମୋର ବାମ ଆଖିରେ ବାରୁଦ ପଡ଼ି ଅସୁସ୍ଥ ହୋଇପଡ଼ିଥିଲି। ସେହିବର୍ଷ ଜୁଲାଇ ୪ରେ ପୁଣି ଟାଇଗର ହିଲ୍ ଆକ୍ରମଣ ହେଲା। ସେଠାରେ ୫ଜଣ ଶହୀଦ ହୋଇଥିଲେ । ପ୍ରାୟ ୪ ହଜାର ୭୭୫ଫୁଟ୍ ଉଚ୍ଚ ପାହାଡ଼ରେ ଯୁଦ୍ଧବେଳର ଭୟଙ୍କର ଗୋଳାବାରୁଦରେ ଦେଶପାଇଁ ଲଢ଼େଇ କରିବାର ଅନୁଭୂତି କେବେ ଭୁଲିପାରିବି ନାହିଁ । ଯୁଦ୍ଧ ସରିବାର କିଛିଦିନ ପରେ ଘରକୁ ଫେରିଥିଲି। ଗାଁ ଓ ପରିବାର ଲୋକ ମତେ ଦେଖି କାନ୍ଦି ପକାଇଥିଲେ। ୨୦୦୭ ଫେବୃଆରୀରୁ ଅବସର ନେଇସାରିଛି ।

## ଆଖିପିଛୁଳାକେ ଗୁଳି ବର୍ଷୁଥିଲା: ଦେବାନନ୍ଦ ବିଶ୍ୱାଳ

ଆଜକୁ ଠିକ୍ ୨୫ବର୍ଷ ତଳେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ କଶ୍ମୀରର କାର୍‌ଗିଲ ସେକ୍ଟରରେ ସେନା ଶିବିରକୁ ଶତ୍ରୁପକ୍ଷ ପାକିସ୍ତାନୀ ସେନାଙ୍କ ଘନ ଘନ ଆକ୍ରମଣ ହେଲା । ଏହାର ଉଚିତ ଜବାବ ଦେଇଥିଲା ଭାରତ। ଆମର ବୀର ଯବାନମାନଙ୍କ କମାଣ ଗର୍ଜିଉଠିଥିଲା । ଶତ୍ରୁପକ୍ଷଙ୍କ ସହ ଘମାଘୋଟ ଲଢ଼େଇ ହୋଇଥିଲା। ଏହି ଯୁଦ୍ଧରେ ପାକିସ୍ତାନୀ ସେନା ମୃତ୍ୟୁବରଣ କରିବା ସହିତ ପରାଜୟ ସ୍ୱୀକାର କରି ପଛଘୁଞ୍ଚା ଦେଇ ପଳାଇଥିଲେ । ତେବେ ସେତେବେଳେ ଏହି କାର୍‌ଗିଲ ଯୁଦ୍ଧରେ ସାମିଲ ହୋଇଥିଲେ ଭାରତୀୟ ଯବାନ ଦେବାନନ୍ଦ ବିଶ୍ୱାଳ । ସେ କୁହନ୍ତି, '୧୯୮୯ମସିହା ଜୁନ୍ ୪ରେ ମୋର ପଶ୍ଚିମବଙ୍ଗର ବନାଗୁଡ଼ିଠାରେ ଭାରତୀୟ ପଦାତିକ ବାହିନୀରେ ଚାକିରି ହୋଇଥିଲା । ୧୯୯୯ମସିହାରେ ପାକିସ୍ତାନ ସେନା କଶ୍ମୀର ସଂଲଗ୍ନ କାର୍‌ଗିଲ ପାହାଡ଼ ଉପରେ ଥିବା ଭାରତୀୟ ସେନାଘାଟିକୁ ଅଧିଗ୍ରହଣ କରିବାକୁ ଉଦ୍ୟମ କରିଥିବାରୁ କାର୍‌ଗିଲ ଯୁଦ୍ଧ ଆରମ୍ଭ ହୋଇଥିଲା । ଆମେ ସେତେବେଳେ ମେ ୨୧ରୁ ଜୁନ୍ ୬ ଯାଏ କଣ୍ଟେଲିଜେନ୍ସ ସେକ୍ଟରରେ ରହି କାମ କରିଥିଲୁ । ରାସ୍ତା ନ ଥିଲା, ନିଜେ ନିଜେ ରାସ୍ତା କରି ପାହାଡ଼ ଉପରକୁ ଯିବାକୁ ପଡୁଥିଲା । ପୁଣି ସାଥିରେ ଓଜନିଆ ସାମଗ୍ରୀ ଧରି ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚିବାକୁ ହେଉଥିଲା । ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସେନା ମଧ୍ୟରେ ସହଯୋଗ ରହିଥାଏ । ମନରେ କଷ୍ଟ ନ ଥାଏ। ପ୍ରଥମେ କିପରି ନିଜକୁ ବଞ୍ଚାଇ ଶତ୍ରୁକୁ ନିପାତ କରିବାକୁ ହେବ କେବଳ ମନରେ ଏହି ଚିନ୍ତା ରହିଥାଏ । ସେତେବେଳେ ଘର ଦ୍ୱାର ସବୁକିଛି ଭୁଲିଯାଉ । କେବଳ ଶତ୍ରୁକୁ ଟାର୍ଗେଟ୍ କରି ଦେଶର ସୁରକ୍ଷା ପାଇଁ ମନରେ ଅଦମ୍ୟ ସାହସ ଭରିଥାଏ। ଅପରେଶନ ସମୟରେ ସୈନିକଙ୍କ ମଧ୍ୟରେ

→





ଭାଇଚାରା ପାଇଁ ଖୁସି ଲାଗେ। ଫରୱାର୍ଡ ଅପରେଶନ ବେଳେ ମାତ୍ର ୫୦ ମିଟର ଦୂରରୁ ଶତ୍ରୁପକ୍ଷ ସେନାଙ୍କ ସହିତ ସମ୍ମୁଖୀନ ହେବାକୁ ପଡ଼ିଛି। କୌଣସି ମୁହୂର୍ତ୍ତରେ କିଛି ବି ଅଘଟଣ ଘଟିବାର ନିଶ୍ଚିତ ଆଶଙ୍କା ରହିଥିଲା । ଦେଖୁଦେଖୁ ଚାରିଆଡ଼େ ବିଛେଇ ହୋଇପଡ଼ିଲା ରକେଟ୍ ଓ ଅନ୍ୟାନ୍ୟ ଗୋଳାବାରୁଦ । ସେତେବେଳେ ସେକ୍ଟରରେ ଆମେ ରହିଥିଲୁ । ଏହି ଯୁଦ୍ଧରେ ଶତାଧିକ ବୀର ଯବାନ ଶହୀଦ ହେଲେ । ଓଡ଼ିଶାରୁ ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ମଲିକ, ଶ୍ରୀନିବାସ ପାତ୍ରଙ୍କ ସମେତ ଆଉ କେତେଜଣ ଦେଶପାଇଁ ଶହୀଦ ହୋଇଥିଲେ। ମୃତ୍ୟୁକୁ କାହାର ଖାତିର ନ ଥିଲା । ଏପରି ଘଟଣାର ଅନୁଭୂତି ମୋର ସର୍ବଦା ମନେରହିଥିବ।


ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ

## ଯୁଦ୍ଧବେଳେ ବର୍ଡରକୁ ପ୍ରୋଟେକ୍ଶନ ଦେଉଥିଲୁ: ଶତ୍ରୁଘ୍ନ ପ୍ରଧାନ

ଖୋର୍ଦ୍ଧାଜିଲା ସୋରଣ ଗ୍ରାମର ସର୍ଜେଣ୍ଟ ଶତ୍ରୁଘ୍ନ ପ୍ରଧାନ କୁହନ୍ତି, '୧୯୮୨ମସିହାର କଥା। ଏୟାରଫୋର୍ସରେ ନିଯୁକ୍ତି ସମ୍ପର୍କରେ ଏକ ଖବରକାଗଜରୁ ସୂଚନାପାଇ ନିଯୁକ୍ତିପାଇଁ ଆବେଦନ କରିଥିଲି। ସେତେବେଳେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ ଯୁକ୍ତ୨ ସାଇନ୍ସ ପଢୁଥାଏ। ଏୟାର ଫୋର୍ସରେ ଯୋଗଦେବା ନିମନ୍ତେ ୧୯୮୩ ମସିହାରେ ଡାକଯୋଗେ ଘରକୁ ଖବର ଆସିଥିଲା। ତା'ପରେ ସେନାରେ ଯୋଗ ଦେଉଥିବାର ଜାଣି ମୋ ବୋଉ ପ୍ରଥମେ କାନ୍ଦି ପକାଇଥିଲା। ତାକୁ ସେତେବେଳେ କହିଥିଲି ମୋ ପରି ଅନେକ ପୁଅ ଦେଶପାଇଁ କାମ କରୁଛନ୍ତି । ଏତିକି କହିବାରେ ସେ ଆଉ କିଛି କହି ନ ଥିଲା। ପ୍ରଥମେ ସାମ୍ବାରେ ଟ୍ରେନିଂ ନେଲି, ଏହାପରେ ବାଙ୍ଗାଲୋରରେ ଇଲେକ୍ଟ୍ରୋନିକ ଇଞ୍ଜିନିୟର ଭାବେ ଯୋଗ ଦେଲି । ତା'ପରେ ଯୋଧପୁରରେ ମିଗ୍-୨୧ ସ୍କ୍ୱାଡର୍ନରେ ପୋଷ୍ଟିଂ ହୋଇଥିଲା। ପରେ ବରେଲିକୁ ଯାଇଥିଲି । ସେଠାରୁ ୧ବର୍ଷ ପାଇଁ ରୁଷିଆ ଗଲି। ପୁଣି ବରେଲିରେ ରହିଥାଏ । ୧୯୯୯ ମସିହା ମେ ମାସ । ଆମେ ସମସ୍ତେ ବିଶ୍ରାମ ନେଉଥିଲୁ, ହଠାତ୍ ସେଦିନ ସାଇରନ ବାଜିଉଠିଲା। ୟୁନିଟ୍‌ରେ ରିପୋର୍ଟ କରିଥିଲୁ । ତା'ପରେ ରାତିରେ ଆଗ୍ରା ଯାଇ ସେଠାରେ ପ୍ରୋଟେକ୍ଶନ୍ ଦେଇଥିଲୁ । ସେଠାରୁ ପୁଣି ଅମୃତସର ଯାଇଥିଲୁ ଏବଂ କାର୍‌ଗିଲ ବର୍ଡର ପ୍ରୋଟେକ୍ଶନରେ ପୂରା ସତର୍କ ରହିଥାଉ । କାରଣ ମୁଁ ବାୟୁସେନାରେ ରହିଥାଏ । ଏଥିପାଇଁ ଏୟାର ଷ୍ଟ୍ରାଇକ୍ ପାଇଁ ପ୍ରସ୍ତୁତ ଥାଉ । କାର୍‌ଗିଲ ଯୁଦ୍ଧର ବିଭିନ୍ନ ଖବର ଆମେ ଜାଣିବାକୁ ପାଉଥାଉ। ଯେମିତି ହେଉ ଶତ୍ରୁପକ୍ଷଙ୍କୁ ନିପାତ କରିବାକୁ ହେବ, ସମସ୍ତଙ୍କ ମନରେ କେବଳ ଗୋଟିଏ କଥା। ଏମିତି ପରିସ୍ଥିତିରେ ମୋ ବାପା କୁଞ୍ଜବିହାରୀ ପ୍ରଧାନଙ୍କ ଦେହାନ୍ତ ହୋଇଥିବା ଘରୁ ଖବର ଆସିଥିଲା ହେଲେ ସେତେବେଳେ ଆଉ ଘରକୁ ଯିବା ସମ୍ଭବ ହୋଇପାରି ନ ଥିଲା । କିଛିଦିନପରେ ଗାଁକୁ ଫେରିଥିଲି। କାର୍‌ଗିଲ ବିଜୟରେ ମନରେ ଉତ୍ସାହ ରହିଥିବା ବେଳେ ସେତେବେଳେ ବାପାଙ୍କ ଶେଷ ସମୟରେ ଦେଖି ନ ପାରିବାର ଦୁଃଖ ମନରେ ଅବସୋସ ରହିଗଲା। ତା'ପରେ ୨୦୦୫ରୁ ଅବସର ନେଇ କିଛିମାସ ଏକ ଘରୋଇ ପଲିଟେକ୍‌ନିକ କଲେଜର ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରିଥିଲି । ଭାରତୀୟ ପୂର୍ବ ସେନା ସଂଘ ଓଡ଼ିଶା ଚିଲିକା ଶାଖାର ସମ୍ପାଦକ ଭାବେ କାର୍ଯ୍ୟ କରିବା ସହିତ ଯୁବପିଢିଙ୍କୁ ମାଗଣାରେ ସେମାନଙ୍କ ଦକ୍ଷତା ବୃଦ୍ଧି ସମ୍ପର୍କରେ ସେନାରେ ଯୋଗଦେବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରୁଛି । କାର୍‌ଗିଲ ବିଜୟ ଦିବସ ପାଳନ କରି ଅବସରପ୍ରାପ୍ତ ସୈନିକମାନେ ଆମ ଅଞ୍ଚଳରେ ଏକ ରାଲି କରି ଦେଶପ୍ରେମର ବାର୍ତ୍ତା ଦେବାରେ ନିଜକୁ ଧନ୍ୟ ମନେକରୁଛୁ ।


ଶତ୍ରୁଘ୍ନ ପ୍ରଧାନ

## କାରଗିଲ ବିଜୟରେ ଆତ୍ମହରା ହୋଇପଡ଼ିଥିଲି: ସୁକାନ୍ତ କୁମାର ବେହେରା

ସ୍କୁଲ ବୟସରୁ ସେ ଚିନ୍ତା କରୁଥିଲେ ଆର୍ମିରେ ଯୋଗଦେବା ପାଇଁ । ସେଥିପାଇଁ ୧୦ମ ପାସ୍ ପରେ ଆର୍ମି ପାଇଁ ପରୀକ୍ଷା ଦେଇ ନିଯୁକ୍ତି ପାଇଥିଲେ । ସେ ହେଲେ ଅବସରପ୍ରାପ୍ତ ସୁବେଦାର ମେଜର ସୁକାନ୍ତ କୁମାର ବେହେରା। ଘର ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକ ଅନ୍ତର୍ଗତ ଚଣ୍ଡେଶ୍ୱର ଗାଁରେ । ସେ କୁହନ୍ତି, 'ମୁଁ ୧୯୮୫ ମସିହାରେ ଆସାମର ନିତିସୁକିରେ ପ୍ରଥମେ ଜଣେ ସିପାହି ଭାବେ ଆର୍ମିରେ ଯୋଗଦେଇଥିଲି। ପରେ ଅରୁଣାଚଳପ୍ରଦେଶ, ତ୍ରିପୁରା, ମଣିପୁର ଆଦି ରାଜ୍ୟରେ କାର୍ଯ୍ୟକଲି । ୧୯୯୯ମସିହାରେ ଲକ୍ଷ୍ନୌରେ ହାବିଲଦାରଭାବେ କାର୍ଯ୍ୟ କରୁଥାଏ । କାର୍‌ଗିଲ ଯୁଦ୍ଧ ପାଇଁ ସମସ୍ତେ ସଜାଗ ରହିବାକୁ ସୂଚନା ଆସିଲା। ହଠାତ୍ ଲକ୍ଷ୍ନୌରୁ ଜମ୍ମୁ-କଶ୍ମୀର ଯାଇଥିଲୁ। ସେଠାରେ ଉଦୟପୁରଠାରେ ରହିଲୁ। ପରେ ଶାମ୍ବା ସେକ୍ଟରକୁ ଯାଇଥିଲୁ। ସେଠାରେ ଯେଉଁମାନେ କାର୍‌ଗିଲ ହିଲ୍‌ରେ ଲଢିବେ ସେମାନଙ୍କୁ ସପୋର୍ଟ ଦେବା ପାଇଁ ଆମେ ପ୍ରସ୍ତୁତ ରହିଥାଉ। ଏଠାରେ ବିଭିନ୍ନ ଟ୍ରେନିଂ ଅଭ୍ୟାସ ଜାରି ରହିଥିଲା । ମୋର କାର୍ଯ୍ୟ ଥିଲା ବାରୁଦ ସାମଗ୍ରୀର ପରିଚାଳନା ତଥା ଆସଲ-ପ୍ଲାଟୁନର ଦାୟିତ୍ୱ ତୁଲାଇବା । କାର୍‌ଗିଲ ଯୁଦ୍ଧ ଚାଲଥାଏ। ଆମେ ରାସ୍ତାରେ ଆସୁଥିବାବେଳେ ବିଭିନ୍ନ ଅଞ୍ଚଳର ଲୋକମାନେ ସୈନିକମାନଙ୍କୁ ଶ୍ରଦ୍ଧା କରୁଥିଲେ। ଲତା ମଙ୍ଗେସକରଙ୍କ ଗୀତ ଏ ମେରେ ବତନ କେ ଲୋଗୋ... ଦେଶପ୍ରେମ ଗୀତ ଶୁଣି ଆମେ ଉତ୍ସାହିତ ହୋଇପଡ଼ିଥଲୁ। କାର୍‌ଗିଲ ବିଜୟ ବେଳେ ଖୁବ୍ ଆତ୍ମାହରା ହୋଇପଡ଼ିଥିଲି । ୨୦୧୪ମସିହାରେ ଅବସର ନେଇସାରିଛି । ପ୍ରତିବର୍ଷ କାର୍‌ଗିଲ ବିଜୟ ଦିବସ ପାଳନ କରୁଛୁ ।


ସୁକାନ୍ତ କୁମାର ବେହେରା


ପ୍ରସନ୍ନ ଚୌଧୁରୀ


ଦେବାନନ୍ଦ ବିଶ୍ୱାଳ

## ଶତ୍ରୁଙ୍କୁ ପରାସ୍ତ କରିବାରେ ଭାରତୀୟ ସେନାଙ୍କ ଅସୀମ ପରାକ୍ରମ ରହିଛି: କଲୋନେଲ ଡ.ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ

ସ୍କୁଲ, କଲେଜରେ ପଢ଼ାବେଳେ ଜଣେ ମେଧାବୀଛାତ୍ର ଭାବେ ତାଙ୍କର ସୁନାମ ରହିଛି। ସେ ହେଲେ ଅବସରପ୍ରାପ୍ତ କଲୋନେଲ ଡ.ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ। ଘର ନୟାଗଡ଼ ଜିଲାର କଣ୍ଟିଲୋରେ। ସେ କୁହନ୍ତି, 'ସ୍କୁଲ ସମୟରେ ମୁଁ ଏନ୍‌ସିସିରେ ଯୋଗଦେଇଥିଲି। ସମୟକ୍ରମେ ଇଣ୍ଡିଆନ ଆର୍ମିରେ ଯୋଗଦେଲି। ୧୯୮୧ମସିହାରେ ଭାରତର ନାଥୁଲାଠାରେ ଜଣେ ସେକେଣ୍ଡ ଲ୍ୟୁଟନାଣ୍ଟ ପଦବୀରେ ନିଯୁକ୍ତ ହୋଇ କାର୍ଯ୍ୟକରିଥିଲି । ୧୯୯୯ମସିହା କାର୍‌ଗିଲ ଯୁଦ୍ଧ ସମୟରେ ଅଫିସର ସିଓ ଭାବେ ଜମ୍ମୁ-କଶ୍ମୀରର ପୁଞ୍ଚ୍ ସେକ୍ଟରରେ ରହିଥିଲି। ପାକିସ୍ତାନୀ ସେନା ନୋ ମ୍ୟାନ ଲାଇନ ପରିସରକୁ ଅତିକ୍ରମ କରିଥିଲେ। କାର୍‌ଗିଲ ସେକ୍ଟରରେ କେତେକ ସ୍ଥାନରେ ବଙ୍କର କରିଥିଲେ । ଭାରତୀୟସେନା ଘାଟି ଉପରକୁ ଗୁଳି ବର୍ଷଣ କରିଥିଲେ। ୧୪ମେ ୧୯୯୯ମସିହାରେ କମାଣ୍ଡରଙ୍କୁ ଫୋନ ଆସିଲାଥିଲା। ବହୁତ ଅର୍ଜେଣ୍ଟ । ୧୨ଟା ବୋଫୋର୍ସ ଯିବ । ଏଥିରେ ମୁଁ ନିଜେ ସାମିଲ ହୋଇ ବ୍ରିଗେଡିୟର ଲକ୍ଷ୍ମୀଧର ସିଂଙ୍କୁ କୋଅର୍ଡିନେଟ କରିଥିଲି। ଜମ୍ମୁ-ଶ୍ରୀନଗର ବାଟଦେଇ ଯିବାକୁ ପଡ଼ିଥିଲା। ଅପରେଶନ ଭାରି କଷ୍ଟଥିଲା। ସର୍ବଦା ସତର୍କ ରହିବାକୁ ପଡ଼ିଥାଏ । କାର୍‌ଗିଲରେ ସେତେବେଳେ ମାଇନସ୍ ୪୦ଡିଗ୍ରି ତାପମାତ୍ରା ରହିଥାଏ। ଆମ ବୀର ଯବାନମାନଙ୍କ ମନରେ ଜୋସ ଥାଏ । ଯେମିତି ହେଉ ଶତ୍ରୁ ପକ୍ଷଙ୍କ ପତନ କରିବୁ । ଏଥିପାଇଁ ଯେଉଁମାନେ ପାହାଡ଼ ଚଢା ଟ୍ରେନିଂ ଜାଣିଥିଲେ ସେମାନେ ଆଗଭର ହୋଇ ସେଠାରେ ସାମିଲ ହୋଇଥିଲେ । କାରଣ ପାକିସ୍ତାନୀ ସେନା ପାହାଡ଼ ଉପରୁ ଗୁଳି ବର୍ଷଣ କରୁଥିଲା। ଆମକୁ ପୂରା ସତର୍କତାର ସହିତ ଯୁଦ୍ଧ କରିବାକୁ ପଡ଼ିଛି । ସେତେବେଳେ ପୂରା ପ୍ରସ୍ତୁତିରେ ରହୁଥିଲୁ । କାର୍‌ଗିଲ ଯୁଦ୍ଧରେ ପ୍ରାୟ ୫୨୭ଜଣ ଶହୀଦ ହୋଇଥିବାବେଳେ ୧୩୮୨ଜଣ ଆହତ ହୋଇଥିଲେ । ମାତ୍ର ପାକିସ୍ତାନ ପରାସ୍ତ ହୋଇ ପଳାୟନ କରିଥିଲା । ଏଥିରେ କାର୍‌ଗିଲ ଯୁଦ୍ଧ ବା ଅପରେଶନ ବିଜୟର ବିଜୟଯାତ୍ରା ହୋଇଥିଲା।



ଦୁର୍ଗମ ଗିରିପଥ ହେଉ କି ଗୋଳାବାରୁଦ ଗଦାର ନିଆଁ। ଚିରସ୍ରୋତାନଦୀ ଅଥବା ଗଭୀର ସାଗର ଗର୍ଭ କିମ୍ବା ଅନନ୍ତ ଆକାଶ ପଥରେ ସର୍ବଦା ଜୀବନକୁ ବାଜିଲଗାଇ ଶତ୍ରୁସହିତ ଲଢ଼େଇକରି ଦେଶପାଇଁ ପ୍ରାଣବଳିଦେବାରେ ପଛଘୁଞ୍ଚା ନ ଥାଏ ବୀର ଯବାନଙ୍କର । ଯୁଦ୍ଧଭୂମିରେ ଆହତ କିମ୍ବା ସୁରକ୍ଷିତ ଫେରିଥିବା ସୈନିକମାନଙ୍କ ଅନୁଭୂତି ସର୍ବଦା ସ୍ମରଣୀୟ।

**– ବନବିହାରୀ ବେହେରା**



# ନିଆରା ବେଡ୍

ପିଲାଙ୍କ ବେଡ୍‌ରୁମ୍ ଏମିତି ହେବା ଜରୁରୀ ଯେଉଁଠି ସମୟ ବିତାଇବାରେ ପିଲାଙ୍କୁ ଖୁସି ମିଳୁଥିବ। ଖାସ୍‌କରି ଯଦି ତାଙ୍କ ବେଡ୍ ଆକର୍ଷକ ଓ ମଜାଦାର ହୁଏ ତେବେ ତାଙ୍କୁ ଏକୁଟିଆ ଶୋଇବାକୁ ବି ଡର ଲାଗିବ ନାହିଁ। ଯେମିତିକି ଏଇସବୁ ବେଡ୍...








**କନ୍‌ଷ୍ଟ୍ରକ୍ସନ ଟ୍ରକ୍ ବେଡ୍:** କୁନି ପିଲାଙ୍କୁ ଗାଡ଼ି ବହୁତ ଭଲ ଲାଗେ। ସେଥିପାଇଁ ତ ଯାହାର ଛୋଟ ଛୁଆଟିଏ ଅଛି ସେ ଘରେ ଗାଡ଼ିର ଖେଳଣା ଭର୍ତ୍ତି ହୋଇରହିଥାଏ। ଭାବିଲେ ଦେଖି ଯଦି ସେମାନଙ୍କୁ କନ୍‌ଷ୍ଟ୍ରକ୍ସନ ଟ୍ରକ୍ ପରି ଦେଖାଯାଉଥିବା ଏହି ବେଡ୍ ମିଳିଯାଏ ତେବେ କେତେ ଖୁସି ହେବେ। ଏହି ବେଡ୍‌ରେ ଆରାମଦାୟକ ବିଛଣା ସହ ବହି ଓ କଣ୍ଢେଇ ରଖିବାକୁ ଥାକ ବି ରହିଛି।

**ଟ୍ରାକ୍ଟର ବେଡ୍:** ଏହି ବେଡ୍ ବି ପିଲାଙ୍କୁ ବହୁତ ଭଲ ଲାଗିବ। ଟ୍ରାକ୍ଟର ପରି ଦେଖିବାକୁ ଉକ୍ତ ବେଡ୍‌ରେ ବଡ଼ ବଡ଼ ଚକ, ଷ୍ଟିୟରିଂ ହ୍ୱିଲ୍ ଅଛି। ଡ୍ରାଇଭର୍ ବସିବା ସ୍ଥାନରେ ଛୋଟ ଛାତ ବି ଅଛି। ଛୋଟ ପିଲା ଏହାର ଷ୍ଟିୟରିଂ ହ୍ୱିଲ୍‌କୁ ଧରି ଟ୍ରାକ୍ଟର ଚଲାଇବା ପରି ଅନୁଭବ କରିବେ। ଏହି ବେଡ୍‌କୁ ଆସେମ୍ବଲ କରିବା ସହଜ ଓ ସ୍ଥାନାନ୍ତର କରିବା ବି ସହଜ।

**ପାର୍କର ସ୍ଲାଇଡ୍ ପରି ବେଡ୍:** ପିଲାମାନଙ୍କୁ ପାର୍କ ଯିବା କେତେ ଭଲ ଲାଗେ ତାହା ସମସ୍ତେ ଜାଣନ୍ତି। ସେଠି ସେମାନେ ଦୋଳିରେ ଝୁଲିବା ସହ ସ୍ଲାଇଡ୍‌ରେ ଖସିବାକୁ ବେଶ୍ ଭଲପାଆନ୍ତି। ତେବେ ଯଦି ପାର୍କର ସ୍ଲାଇଡ ପରି ଖଟ ପିଲାଙ୍କ ରୁମ୍‌ରେ ରହେ ପିଲାଙ୍କ ଖୁସିର ଠିକଣା ରହିବନି। ଏ ହେଉଛି ସେମିତି ଏକ ସ୍ଲାଇଡ୍ ପରି ବେଡ୍, ଯେଉଁଥିରେ ଶିଡ଼ି ଅଛି, ଯାହାକୁ ଚଢ଼ି ବେଡ୍‌କୁ ଯିବାକୁ ହୁଏ। ପୁଣି ଓହ୍ଲାଇବା ପାଇଁ ଅଛି ସ୍ଲାଇଡ। ଯେଉଁଥିରୁ ଖସି ସେମାନେ ବେଶ୍ ମଜାରେ ତଳକୁ ଓହ୍ଲାଇବେ। ଏଥିରେ ବହି ରଖିବା ଲାଗି ଥାକ ସହ ପଢ଼ିବା ଲାଗି ଡେସ୍କ ବି ଅଛି। ଏଭଳି ମଜାଦାର ପରିବେଶରେ ଶୋଇବା ଓ ପଢ଼ିବାକୁ କେଉଁ ପିଲାଙ୍କୁ ବା ଭଲ ନ ଲାଗିବ।

**ଫାୟାର୍ ଟ୍ରକ୍ ବେଡ୍:** ଲାଲ ରଙ୍ଗର ଏହି ଫାୟାର ଟ୍ରକ୍ ବେଡ୍ ବି ଛୋଟ ପିଲାଙ୍କୁ ବହୁତ ଭଲ ଲାଗିବ। ଏହା ସେମାନଙ୍କୁ ଫାୟାର୍ ଫାଇଟର୍‌ର ଅନୁଭବ ଦେବ। ଏହି ବେଡ୍‌ରେ ଏକ ଫାୟାର୍ ଟ୍ରକ୍‌ରେ ଥିବା ଶିଡ଼ି ପରି ଶିଡ଼ି ରହିଛି। ଏହି ବେଡ୍‌କୁ ଚଢ଼ିବା ଓହ୍ଲାଇବା ବେଶ୍ ସହଜ। ବେଡ୍‌ର ସାମ୍ନା ଭାଗରେ ଥିବା ଏଲ୍‌ଇଡି ହେଡ୍‌ଲାଇଟ୍ ଓ ଏଥିରେ ଲାଗିଥିବା ଚକ ଏହି ବେଡ୍‌କୁ ସତସତିକା ଫାୟାର୍ ଟ୍ରକ୍‌ର ଲୁକ୍ ଦିଏ।

**ଚଢ଼େଇ ବସା ପରି ବେଡ୍:** ଏହା ଦେଖିବାକୁ ପୂରାପୂରି ଚଢ଼େଇ ବସା ଭଳି। ହେଲେ ଏହି ବେଡ୍‌ରେ ନ ଥାଏ କାଠିକୁଟା ବରଂ ନରମ ଆରାମଦାୟକ ଗଦି। ତା'ସହ ଅଣ୍ଡା ଆକୃତିର ତକିଆ। ବେଶ୍ ଆରାମଦାୟକ ଏହି ବେଡ୍‌ରେ ପିଲାମାନେ ଡିଆଁଡେଇଁ କରିବା, ଆରାମରେ ଗଡିବାକୁ ଭଲ ପାଇବେ।

**ହେଲିକପ୍ଟର ବେଡ୍:** ଏହି ବେଡ୍ ଦେଖିବାକୁ ସତସତିକା ହେଲିକପ୍ଟର ପରି। ପିଲାମାନେ ଏଥିରେ ଶୋଇଲେ ହେଲିକପ୍ଟରରେ ବସି ଆକାଶରେ ଉଡୁଥିବାର ସ୍ୱପ୍ନ ନିଶ୍ଚୟ ଦେଖିବେ। କାରଣ ଏହାର ୱିଙ୍ଗ୍‌ସ, ଟେଲ୍ ସବୁକିଛି ଅବିକଳ ହେଲିକପ୍ଟର ପରି।

**ପ୍ରାଣୀ ଆକାରର ବେଡ୍:** ପ୍ରାଣୀଙ୍କୁ ଭଲ ପାଉଥିବା ପିଲାଙ୍କୁ ଏହି ବେଡ ନିଶ୍ଚିତଭାବେ ଭଲ ଲାଗିବ। ଏହା କୁକୁର, ଭାଲୁ, ବିଲେଇ ଭଳି ପ୍ରାଣୀଙ୍କ ଆକାରରେ ତିଆରି ହୋଇଥାଏ। ଅର୍ଥାତ୍ ବେଡ୍‌କୁ ଦେଖିଲେ ଲାଗିବ ସତେ ଯେମିତି ବିରାଟକାୟ ଭାଲୁ ଅବା କୁକୁର ଘରେ ଶୋଇଛି। ଆଉ ଯଦି ପିଲାମାନେ ଏହା ଉପରେ ଶୁଅନ୍ତି ତେବେ ଲାଗେ ସତେ ଯେମିତି ସେମାନେ ତାଙ୍କ ପେଟ ଉପରେ ଶୋଇଛନ୍ତି। ବେଶ୍ ଆରାମଦାୟକ ଏହି ବେଡ୍ ଓ ଦେଖିବାକୁ କ୍ୟୁଟ୍ ବି।

**ଟ୍ରି ହାଉସ୍ ପରି ବେଡ୍:** ଟ୍ରି ହାଉସ୍ ଅନେକଙ୍କୁ ଭଲ ଲାଗେ। ଟ୍ରି ହାଉସ୍ ପରି ଦେଖିବାକୁ ଏହି ବେଡ୍ ପିଲାଙ୍କର ଗଛ ଉପରେ ଘର କରି ରହିବାର ଇଚ୍ଛାକୁ ଅନେକାଂଶରେ ପୂରଣ କରିବ। ଏହି ବେଡ୍ ଦେଖିବାକୁ ବେଶ୍ ସୁନ୍ଦର। ଏଥିରେ ଶିଡ଼ି ଅଛି ଉପରକୁ ଚଢ଼ିବା ପାଇଁ। ଆଉ ସେଠି ଅଛି ଆରାମଦାୟକ ଗଦି ପଡିଥିବା ବିଛଣା। ତଳେ ବସିବା ଲାଗି ସୋଫା ବି ଅଛି।














# ଗାଁ ପରିବେଶ ମୋ ଚିତ୍ରକଳାର ଉତ୍ସ



ପ୍ରସନ୍ନ ସାଉ

**ତା**ଙ୍କ ହାତର ଯାଦୁକରୀ ସ୍ପର୍ଶରେ ଚିତ୍ର ଲାଗେ ଜୀବନ୍ତ, ଯାହାକୁ ଦେଖିବା ଲାଗି କିଛି କ୍ଷଣ ଅଟକିଯାଏ ଆଖି। ଚିତ୍ରକଳାରେ ନିଜର ଏକ ନିଆରା ପରିଚୟ ସୃଷ୍ଟି କରିଥିବା ଶିଳ୍ପୀ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ଧନିଶୋ ଗ୍ରାମର ପ୍ରସନ୍ନ କୁମାର ସାଉ। ପେସାରେ ସେ ଜଣେ ଶିକ୍ଷକ ହେଲେ, ନିଶା ତାଙ୍କର ଚିତ୍ର ଆଙ୍କିବା।


**ଚିତ୍ରକଳା ପ୍ରତି ଆଗ୍ରହ:** ପିଲାଦିନରୁ ହିଁ ଥିଲା ତାଙ୍କର ଚିତ୍ର ପ୍ରତି ଆଗ୍ରହ। ମାଣବସାରେ ମା' ଆଙ୍କୁଥିବା ଝୋଟି ଚିତା ଦେଖି ଅବିକଳ ସେହିଭଳି ଆଙ୍କୁଥିଲେ। ତେବେ ତାଙ୍କୁ ସବୁଠୁ ବେଶି ଆକର୍ଷିତ କରୁଥିଲା ଗାଁ ପୋଖରୀରେ ଫୁଟିଥିବା କଇଁ ଆଉ ପଦ୍ମଫୁଲ, ଧାନବିଲର ସବୁଜିମା, ସଂଧ୍ୟାବେଳର ଗୋଧୂଳି ଫେରନ୍ତା ଦୃଶ୍ୟ। ଯାହାକୁ ସେ ନିଜ କାନ୍‌ଭାସରେ ସାଇତି ରଖୁଥିଲେ। ସେ କୁହନ୍ତି, 'ମୋ ଚିତ୍ରାଙ୍କନ ଭଲ ହେଉଥିବା ଦେଖି ସ୍କୁଲର ଶିକ୍ଷୟିତ୍ରୀ-ଶିକ୍ଷକମାନେ ଖୁବ୍ ପ୍ରଶଂସା କରି କହୁଥିଲେ, ଭବିଷ୍ୟତରେ ତୁମେ ଖୁବ୍ ନାଁ କରିବ, ଯାହା ମୋ ମନରେ ଚିତ୍ରଶିଳ୍ପୀ ହେବାର ସ୍ୱପ୍ନ ବୁଣିଥିଲା। ନିଜ ଆଗ୍ରହ ବିଷୟରେ ବାପା ନାଗେଶ୍ୱର ସାଉ ଓ ମାଆ ପ୍ରେମଲତାଙ୍କୁ ଜଣାଇବା ପରେ ମୋତେ ଦଶମ ପଢ଼ା ପରେ ଭୁବନେଶ୍ୱର ଆସି ଚିତ୍ରକଳା ଶିକ୍ଷାନେବା ଲାଗି କହିଲେ। ପରେ ବି.କେ. କଲେଜ୍ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍‌ରେ ଭାରତୀୟ ଚିତ୍ରକଳାରେ ଡିଗ୍ରୀ ହାସଲ କରିବା ପରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ କ୍ରିଏଟିଭ୍ ପେଣ୍ଟିଂରେ ଫାଷ୍ଟକ୍ଲାସ୍-ଡିଷ୍ଟିଙ୍କସନ୍ ରଖି ସ୍ନାତକୋତ୍ତର କଲି ଏବଂ ରାଜ୍ୟପାଳଙ୍କ ଦ୍ୱାରା ଗୋଲ୍ଡ ମେଡାଲ୍‌ରେ ସମ୍ମାନିତ ହେଲି, ଯାହା ମୋତେ ଆଗକୁ ବଢ଼ିବାକୁ ପ୍ରେରଣା ଦେଲା।


**ଚିତ୍ରାଙ୍କନ ଶୈଳୀ:** ପ୍ରସନ୍ନଙ୍କ ଚିତ୍ରକଳା କେତେବେଳେ ମଣିଷ ଆଉ ପ୍ରକୃତିର ସମ୍ପର୍କ ତ ଆଉ କେତେବେଳେ କାବ୍ୟ କବିତା, ଗଳ୍ପ, ସାମାଜିକ ଜୀବନଶୈଳୀ ଏବଂ ପୌରାଣିକ କଥାବସ୍ତୁକୁ ନେଇ ଆଧୁନିକ ଶୈଳୀରେ ପ୍ରଦର୍ଶିତ। ଭରତମୁନିଙ୍କ ରଚିତ ନାଟ୍ୟଶାସ୍ତ୍ରର ନବରସ ମଧ୍ୟରୁ ଶୃଙ୍ଗାର ରସକୁ ନେଇ ସେ ଚିତ୍ରକଳାରେ ରୂପ ଦେବାକୁ ପ୍ରୟାସ କରନ୍ତି। ଭାରତୀୟ ଚିତ୍ରକଳାର ଟେମ୍ପୋରା ପେଣ୍ଟିଂ ଏବଂ ମିନିଏଚର୍ ପେଣ୍ଟିଂ ମଧ୍ୟ ତାଙ୍କୁ ବେଶ୍ ଲୋକପ୍ରିୟ କରାଇପାରିଛି।


**ନିଜେ ପ୍ରସ୍ତୁତ କରନ୍ତି ଅର୍ଗାନିକ୍ ରଙ୍ଗ:** ବର୍ତ୍ତମାନ ମାର୍କେଟ୍‌ରେ ବିଭିନ୍ନ କମ୍ପାନୀର ରଙ୍ଗ ସହଜରେ ମିଳିଯାଉଛି, ଯାହା ମଧ୍ୟରୁ ଅଧିକାଂଶ କେମିକାଲ୍‌ଯୁକ୍ତ। ତେଣୁ ଏସବୁକୁ ବ୍ୟବହାର କରିବା ପରିବର୍ତ୍ତେ ସେ ନିଜେ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରୁଛନ୍ତି। ଏ ସମ୍ପର୍କରେ ପ୍ରସନ୍ନ କୁହନ୍ତି, ''ଯଦିଓ ପେଣ୍ଟିଂ ପାଇଁ ଆକ୍ରିଲିକ୍ କଲର, ୱାଟର କଲର, ଅଏଲ୍ କଲର ଆଦି ବ୍ୟବହାର କରିଥାଏ। ତେବେ ଆଜିର ଦିନରେ ମାର୍କେଟ୍‌ରେ ମିଳୁଥିବା ଅଧିକାଂଶ ରଙ୍ଗ କେମିକାଲ୍‌ଯୁକ୍ତ ହୋଇଥାଏ। ତେଣୁ ମୁଁ ଇଣ୍ଟରନେଟ୍‌ରୁ ସର୍ଚ୍ଚ କରି ପ୍ରାକୃତିକ ରଙ୍ଗ ପ୍ରସ୍ତୁତିର ପଦ୍ଧତି ଶିଖିଛି। ଆଉ ପୋଇ ଶାଗ ଏବଂ ମଞ୍ଜି, ବିଟ୍, ପାଳଙ୍ଗ, ଜୟନ୍ତି, କୋଶଳା ଶାଗ, କଫି ମଞ୍ଜି, ପଳାଶ ଫୁଲ, ଜାମୁକୋଳି, ହଳଦୀ ଆଦିରୁ ବିଭିନ୍ନ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରୁଛି। ଏହି ରଙ୍ଗରେ ପ୍ରସ୍ତୁତ ପେଣ୍ଟିଂଗୁଡ଼ିକ ଅପେକ୍ଷାକୃତ ଉଜ୍ଜ୍ୱଳ, ଦୀର୍ଘ ସ୍ଥାୟୀ, ଫଙ୍ଗସ୍ ଫ୍ରି ହୋଇଥାଏ। ସବୁଠୁ ବଡ଼ କଥା ହେଉଛି, ଏସବୁ କେମିକାଲ୍ ଫ୍ରି ଏବଂ ସମ୍ପୂର୍ଣ୍ଣ ଅର୍ଗାନିକ୍।''

**ପ୍ରଦର୍ଶନୀରେ ଅଂଶଗ୍ରହଣ ଓ ପୁରସ୍କାର:** ଭୁବନେଶ୍ୱରରେ ଆୟୋଜିତ ୟୁଥ୍ ଏକ୍ସିବିଶନ୍, ଅଲ୍ ଇଣ୍ଡିଆ କ୍ୟାମେଲ୍ ଆର୍ଟ ଏକ୍ସିବିଶନ୍, ରାଜସ୍ଥାନର ଥିଙ୍କ୍ ଡିଜାଇନର ଆର୍ଟସ୍ ଷ୍ଟୁଡିଓ, କେନ୍ଦୁଝର କଳା ଓ ସଂସ୍କୃତି ଅନୁଷ୍ଠାନ, ଦିଲ୍ଲୀ କଲେଜ୍ ଅଫ୍ ଫାଇନ୍ ଆର୍ଟସ୍, ଓଡ଼ିଶା ଲଳିତ କଳା ଏକାଡେମୀ, ରାଷ୍ଟ୍ରୀୟ ଲଳିତକଳା ଏକାଡେମୀ, ନୂଆଦିଲ୍ଲୀ, ଓଡ଼ିଶା ଟ୍ୟୁରିଜିମ୍ ଡିପାର୍ଟମେଣ୍ଟ, ଓଡ଼ିଶା ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଅଥରିଟି, ଓଡ଼ିଶା କଲଚର୍ ଡିପାର୍ଟମେଣ୍ଟ ଦ୍ୱାରା ଆୟୋଜିତ ଜଗନ୍ନାଥାୟନ ପେଣ୍ଟିଂ ଏକ୍ସିବିଶନ୍, ଡିପାର୍ଟମେଣ୍ଟ ଅଫ୍ ଫାଇନ୍‌ଆର୍ଟ, କଲିକତା, ଅଲ୍ ଇଣ୍ଡିଆ ଫାଇନ୍‌ଆର୍ଟ ସୋସାଇଟି ଆର୍ଟ ଏକ୍ସିବିଶନ୍ ଆଦିରେ ଅଂଶଗ୍ରହଣ କରି ପ୍ରସନ୍ନ ବହୁ ପ୍ରଶଂସିତ ହେବା ସହ ପୁରସ୍କୃତ ହୋଇଛନ୍ତି। ନିକଟରେ ରାଜସ୍ଥାନ ଜୟପୁରରେ ଆୟୋଜିତ ଆନ୍ତଃରାଷ୍ଟ୍ରୀୟ ଚିତ୍ରକଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଭାରତ, ଇଜିପ୍ଟ, ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ରୋମାନିଆ, ୟୁନାଇଟେଡ୍ କିଂଗଡମ୍ ଆଦି ଦେଶର ଚିତ୍ରକରଙ୍କ ମଧ୍ୟରେ ପ୍ରସନ୍ନଙ୍କ ଚିତ୍ରକଳା ଆର୍ଟ କ୍ରିଟିକ୍ ଜୁରୀ ମେମ୍ବରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। କେବଳ ଏତିକି ନୁହେଁ, ଗଭର୍ନର ହାଉସ୍, ଟ୍ୟୁରିଜମ୍ ଡିପାର୍ଟମେଣ୍ଟ ସମେତ ବିଭିନ୍ନ ଆର୍ଟ ଗ୍ୟାଲେରିରେ ତାଙ୍କ ଚିତ୍ରକଳା ସ୍ଥାନ ପାଇଛି। ଭବିଷ୍ୟତରେ ଜଣେ ଅନ୍ତର୍ଜାତୀୟସ୍ତରର ଚିତ୍ରଶିଳ୍ପୀ ହେବା ତାଙ୍କର ଲକ୍ଷ୍ୟ ବୋଲି ପ୍ରକାଶ କରନ୍ତି ପ୍ରସନ୍ନ।

–ପୌର୍ଣ୍ଣମାସୀ








# ସମନ୍ୱିତ ଚାଷ ଦେଇଛି ପରିଚୟ



**ସେ** ଜଣେ ଉଚ୍ଚଶିକ୍ଷିତ ଯୁବକ, ରୋଜଗାର ପାଇଁ ବାହାର ରାଜ୍ୟକୁ ଯାଉଥିଲେ। କିନ୍ତୁ ଦିନେ ଚିନ୍ତା କଲେ ଗାଁରେ ରହି କିପରି ସ୍ୱାବଲମ୍ବୀ ହେବେ। ନିଷ୍ପତ୍ତି ନେଲେ ଆଉ ସଫଳ ବି ହେଲେ। ଏବେ ବର୍ଷକୁ ତାଙ୍କର ୨ ଲକ୍ଷରୁ ଊର୍ଦ୍ଧ୍ୱ ଲାଭ ହେଉଛି। ସେ ହେଲେ ନରେନ୍ଦ୍ର ମଲ୍ଲିକ। ଘର ଆଲାମୀ ପଞ୍ଚାୟତର ସାତାଙ୍ଗଜାଗୀ ଗ୍ରାମରେ। ସେ ଦାଦନ ଖଟିବାକୁ ୨୦୧୩ରୁ ୨୦୧୮ ଯାଏ କେରଳ ଯାଇଥିଲେ। ଚାଷବାସ ସମୟରେ ଘରକୁ ଆସି ପୁଣି କେରଳ ଫେରିଯାଉଥିଲେ। ୨୦୧୯ରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ)ର ପ୍ରୋଗ୍ରାମ ମ୍ୟାନେଜର ପି. ମୁରଲୀ ମୋହନ ଗ୍ରାମକୁ ସର୍ଭେ କରିବାକୁ ଆସିଥିଲେ। ସେତେବେଳେ ନରେନ୍ଦ୍ର କରିଥିବା ପନିପରିବା ଚାଷ ଦେଖି ପ୍ରଭାବିତ ହୋଇଥିଲେ। ତାଙ୍କର କେତେ ଜମି ଅଛି ବୋଲି ପଚାରିବାରୁ ସେ କହିଥିଲେ, ପ୍ରାୟ ସାଢ଼େ ୪ ଏକର ପଡ଼ା ଥିବା ଜଙ୍ଗଲ ଜମି ରହିଛି। ଏହାପରେ ପି. ମୁରଲୀ ତାଙ୍କୁ ସରକାରଙ୍କ ତରଫରୁ ଚାଷ ପାଇଁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ କହିଥିଲେ। ଏଥିରେ ନରେନ୍ଦ୍ର ଇଚ୍ଛା ପ୍ରକାଶକରି ଆଉ ବାହାର ରାଜ୍ୟକୁ ନ ଯାଇ ଏଠାରେ କିପରି ସ୍ୱାବଲମ୍ବୀ ହେବେ ସେନେଇ ପ୍ରୟାସ କରିଥିଲେ। ଏହାପରେ ୨୦୨୦ ମସିହାରେ ପ୍ରଥମେ ଆଇଟିଡିଏ ପକ୍ଷରୁ ୪୨୬ଟି ଆମ୍ବ ଚାରା ଯୋଗାଇ ଦିଆଯାଇଥିଲା। ଏଥିରେ ଦୋସରୀ, ଆମ୍ରପଲି, ଆଖୁରସ ଏବଂ ବାଇଗଣ ପଲେଇ ଆଦି ଥିଲା। ଏହାପରେ ତାଙ୍କୁ ତାରବାଡ଼ ସହ ପରିବା ଚାଷ ପାଇଁ ମଞ୍ଜି, ବିହନ ଏବଂ ସାର, ଜୈବିକ ଖତ ମାଗଣାରେ ଯୋଗାଇ ଦିଆଗଲା। କିଛିଦିନ ପରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସେଠାକୁ ବୁଲିଯାଇଥିଲେ। ନରେନ୍ଦ୍ରଙ୍କ ପରିଶ୍ରମ ଦେଖି ଖୁସି ହେବା ପରେ ପାଣିର ଅସୁବିଧା ଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ସେଠାରେ ସୋଲାର ବୋରିଂ ସିଷ୍ଟମ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସାଢ଼େ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ସେଠାରେ ବୋରିଂ କରାଯାଇଥିଲା। ନରେନ୍ଦ୍ରଙ୍କୁ ଏଥିପାଇଁ ସରକାରୀ ସହାୟତା ମିଳିଥିଲା। ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼ି ନ ଥିଲା। ପାଣିର ସୁବିଧା ହେବାରୁ ନରେନ୍ଦ୍ର ପନିପରିବା ଚାଷ ଭଲଭାବେ କରିଆସୁଛନ୍ତି। ନିଜର ୫୦ଟି ଦେଶୀ କୁକୁଡ଼ା ଥିଲା। ତାକୁ ଦେଖି ମଧ୍ୟ ଆଇଟିଡିଏ ପକ୍ଷରୁ ଏକ କୁକୁଡ଼ା ଘର ଯୋଗାଇ ଦିଆଯାଇଥିଲା। ଏବେ ସେ ପ୍ରତିବର୍ଷ ପାଖାପାଖି ୧୦୦ କୁକୁଡ଼ାକୁ କେଜି ପିଛା ୫୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଗତବର୍ଷ ଲଗାଯାଇଥିବା ଗଛରେ ପ୍ରଥମ ଆମ୍ବ ଆସିଥିଲା। ଚଳିତ ବର୍ଷ ବି ଭଲ ଆମ୍ବ ଫଳିଛି। ପନିପରିବା ଭିତରେ କଞ୍ଚାଲଙ୍କା, ବିନ୍ସ, ଫୁଲକୋବି, ବନ୍ଧାକୋବି, ତରଭୁଜ, ସୁଇଟ୍‌କର୍ନ ଆଦି ଲଗାଇ ଭଲ ରୋଜଗାର କରୁଛନ୍ତି। ଏବେ ବର୍ଷକୁ ପ୍ରାୟ ୨ ଲକ୍ଷ ଟଙ୍କାରୁ ଅଧିକ ଲାଭ ହେଉଛି। ସେ କୁହନ୍ତି, ବାହାରେ କାହା ପାଖରେ ଖଟିବା ଅପେକ୍ଷା ନିଜେ ସ୍ୱାବଲମ୍ବୀ ହେବାରେ ଅନେକ ଖୁସି ରହିଛି। ପରିବାର କହିଲେ ସ୍ତ୍ରୀ ଏବଂ ଦୁଇ ପୁଅଙ୍କୁ ନେଇ ମୋର ଛୋଟ ଏକ ସଂସାର। ସମସ୍ତେ ଏହି କାର୍ଯ୍ୟରେ ମୋତେ ସାହାଯ୍ୟ ସହଯୋଗ କରିଥାନ୍ତି। ଖୁସିରେ ପରିବାର ଚଳୁଛି।

–ରାକେଶ କୁମାର ରାଉତ



# ନାଁ ନଖରା

– ଦିପ୍ତୀମୟୀ ଶତପଥୀ

କିଛିଦିନ ହେଲା ଓଡ଼ିଆଙ୍କ ଭିତରେ ଗୋଟେ ଶବ୍ଦ ଭାରି ଉତ୍ପାତ କରୁଛି । ତା'ନାଁ 'ଅସ୍ମିତା' । ରାମବାବୁ କହିଲେ, ଆଗରୁ ଏ ଶବ୍ଦର ପ୍ରଚଳନ ନ ଥିଲା । ଏଇଟା ପୂରା ଆମଦାନୀ ହୋଇଛି । ଶ୍ୟାମବାବୁ ବିରୋଧକଲେ । ଭାଷାକୋଷରୁ ଅସ୍ମିତାର ଅର୍ଥ ଖୋଜି ଦେଖାଇଲେ । ଦାମବାବୁ ସାହିତ୍ୟରେ ଅସ୍ମିତା ଶବ୍ଦର ବ୍ୟବହାର ସମ୍ପର୍କରେ ଉଦାହରଣ ଦେଲେ । ଚିଲିକା କାବ୍ୟରେ ରାଧାନାଥ, ଯାଜ୍ଞସେନୀରେ ପ୍ରତିଭା ରାୟ ଅସ୍ମିତାର ଉପଯୋଗ  କରିଛନ୍ତି । ଅହନ୍ତା, ଅହଂକାର, ଅହଂଜ୍ଞାନ –ଏପରି ଅଭିମାନ ହେଉଛି ଅସ୍ମିତା । କେତେମାସ ଭିତରେ ଅସ୍ମିତାକୁ ସମସ୍ତେ ଚିହ୍ନିଗଲେଣି । ଏହାର ଉତ୍ପତ୍ତି, ବ୍ୟାପ୍ତି, ବ୍ୟାକରଣ, ଗ୍ରହଣୀୟତାକୁ ନେଇ ତନାଘନା, ଚର୍ଚ୍ଚା । ସାମାଜିକ ଗଣମାଧ୍ୟମରେ ଉପସ୍ଥାପକ/ ଉପସ୍ଥାପିକା ଗୁଡ଼ାଏ ଅବାନ୍ତର ଅନାବଶ୍ୟକ ଅଣଓଡ଼ିଆ ଶବ୍ଦ ପ୍ରୟୋଗକରି କିମ୍ଭୁତ କିମାକାର ବାକ୍ୟ କୁହନ୍ତି । ଜିତାପଟ, ଦବଦବା, ମାହୋଲ, ବହତସାରା ଇତ୍ୟାଦି । ଆଣ୍ଡ, ବଟ,ସୋ ପରି ଇଂରାଜି ଶବ୍ଦ ବି ଥାଏ । ସୁନ୍ଦର ଓଡ଼ିଆ ଧାଡ଼ିଟିଏ ଶୁଣିବାକୁ ମିଳେନାହିଁ ।

ରାମବାବୁଙ୍କ ସ୍ତ୍ରୀ ରମା କହିଲେ, ''ଅସ୍ମିତା ମୋ ସାଙ୍ଗେ ସ୍କୁଲରେ ପଢୁଥିଲା ।'' ରାମବାବୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''ସେ କିଏ ?''
''ସସ୍ମିତାର ସାନଭଉଣୀ ।'' ....''ଓଃ ! ସେତେବେଳେ ଏ ନାଁ ଥିଲା ? ''
.... ''ହଁ । ତା' ବାପା ମା' ବି ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ ।'' .... ''ଏମିତି ନକାରାତ୍ମକ ଅର୍ଥ ଥିବା ନାଁ କେମିତି ଦେଲେ ?'' ରମା କହିଲେ, ''କାଙ୍ଗାଳି, ଦୁଃଖୀ, ହୀନ ବି ଥିଲେ । ଏତେ ଚର୍ଚ୍ଚା ହେଉ ନ ଥିଲା । ବହୁ ସମସ୍ୟାକୁ ଆଡ଼େଇଦେଇ ଅସ୍ମିତା ପଛରେ କାଇଁ ଗୋଡ଼ଉଛ ସବୁ ?'' ରାମବାବୁଙ୍କ ମଗଜରେ କଥାଟା ଖେଞ୍ଚିହେଲା । ସେ ଦାମବାବୁଙ୍କୁ ଶୁଣାଇଲେ । ଦାମବାବୁଙ୍କ ସ୍ତ୍ରୀ ଉମା କହିଲେ, '' ଆମର ୩ ଝିଅ ଥିଲେ । ଶାନ୍ତି, କାନ୍ତି, ଇତି । ପୁଅ ଆଶାରେ ଥିଲେ । ପୁଣି ଗୋଟେ ଝିଅ ହେଲା । ତାକୁ ଡାକିଲେ ଅଶାନ୍ତି । ସେଇଟି କିନ୍ତୁ ଅତି ସୁନ୍ଦରୀ, ଅତି ସୁଧାର । ନାଁରୁ ଏତେ କ'ଣ ନାକେରା ଖୋଜୁଛ ?''

ଶ୍ୟାମବାବୁଙ୍କ ଗୃହ ସହାୟିକାର ବାତ୍ୟାଦିନ ନାତୁଣୀ ହୋଇଥିଲା । ସେ ତାକୁ ଫାଇଲିନ୍ ଡାକୁଛି । ଆଉ ଗୋଟିଏ ବାତ୍ୟା ପରେ ଆଉ ଗୋଟିଏ ନାତୁଣୀ । ତା' ନାଁ ତିତିଲି । ଫନୀ, ହୁଡ୍‌ହୁଡ୍‌ଙ୍କୁ ବାପାଟି ଆସିବାକୁ ଦେଲାନି । ସତର୍କ ହୋଇଗଲା ।
ଝିଅ ପଢ଼ିବେ, ଆଗେଇବେ ।  ବିଷ୍ଣୁ ଶର୍ମା କେଡ଼େ ସୁନ୍ଦର କାହାଣୀମାନ ଭେଟିଦେଇଛନ୍ତି । ସେଥିରେ ମନ୍ଦବୁଦ୍ଧି, ମହାମୂର୍ଖ, ଅଳସୁଆମାନେ ଅଛନ୍ତି । ଅତିବୁଦ୍ଧି, ମହାପଣ୍ଡିତ, କର୍ମଠ ବି ଅଛନ୍ତି । ଆମେ ତାଙ୍କୁ ଶୁଣିଲେ, ଭଲପାଇଲେ, ପିଲାଙ୍କୁ ଶୁଣେଇଲେ । ଏବେ ଅସ୍ମିତାକୁ ନେଇ ଅସ୍ମିତା ନିଜେ ଦ୍ୱନ୍ଦ୍ୱରେ । ନକାରାତ୍ମକ କି ସକାରାତ୍ମକ କୋଉଠି ତା'ର ସ୍ଥିତି ? ଭାଷାବୁଢ଼ୀ ପଚାରୁଚି, ''ଅସ୍ମିତା ଲୋ.... ଲୋ ନିଆଁ, ଲୋ ଚୁଲି.... କୋଉଠି ଅଛୁ ?'' ଏ ନେତାଙ୍କ ଭାଷଣରେ ନା ଖବରକାଗଜରେ ? ଯଦି ଅଛୁ, ଆଗକୁ ଆ । ଓଡ଼ିଆକୁ ଦିନେ ବଙ୍ଗାଳି, ତେଲୁଗୁ ଦି'ଆଡୁ ଗଞ୍ଜାଗଞ୍ଜାକରି ହାଣୁଥିଲେ । ସ୍ୱାଭିମାନକୁ ଢାଲ କରି ଓଡ଼ିଆପୁଏ ତାକୁ ସୁରକ୍ଷା ଦେଲେ, ଆସନରେ ବସେଇଲେ । ତୁ ସେମିତି ନିଜ ଗରିମାରେ ଝଟକୁଥା ।

ରୂପ, ରଙ୍ଗ, ଗୁଣ କୋଉଥିରେ
ତୁ ଊଣା କି ?
ନାଁ ର ନଖରାରେ ନୁହଁ,
ଭାଷାର ମୋହରେ ମୁଖରା
ହେଇଯା ଲୋ ଅସ୍ମିତା ।''

– ବ୍ରହ୍ମପୁର
ମୋ: ୯୦୭୮୬୮୫୨୪୭

# ପୃଥିବୀ

– ପ୍ରଶାନ୍ତ କୁମାର ଦାଶ

ମାଟି–ଆକାଶ–ପାଣି–ପବନ ଓ ନିଆଁକୁ ନେଇ
ଯେଉଁ ଗୋଲାକାର ପିଣ୍ଡୁଳାଟି
ଚକ୍ରାକାରେ ଅବିରତ ଘୂରୁଥାଏ,
ତାହା ପୃଥିବୀ, ଆମେ ଜାଣିଛୁ ।

ପୃଥିବୀ କହିଲେ ଆମେ ଯେଉଁଠି ବାସକରୁ,
କେବଳ ତାହା ଭାବିବା ଆମର ଭୁଲ୍,
ମୋର ପୃଥିବୀ, ତୋର ପୃଥିବୀ, ତା'ର ପୃଥିବୀ
ଏମିତିକି ଆମ ସମସ୍ତଙ୍କ ପୃଥିବୀ ଅଲଗା ଅଲଗା,
ଏକଥା ବି ଆମେ ଜାଣିବା ଉଚିତ ।

ପୃଥିବୀର ଆଖିରେ
ନିଜ ନିଜ ପୃଥିବୀର ଆଖି ମିଶିଗଲା ପରେ
ଚେତନାର ଗର୍ଭରୁ ଜନ୍ମେ ଏକ ଅନନ୍ୟ ପୃଥିବୀ,
ଯୋଉଠି ନିଆଁ ହୁଏ ପାଣି, ଆକାଶ ହୁଏ ମାଟି,
ଆଉ ପବନ ପାଦ,
ଯେଉଁମାନେ ଜାଣିନାହାନ୍ତି ଜଣେଇଦିଅ ।

ପୃଥିବୀ ସହ ଆମେ ଘୂରୁ,
ଏଇ ଘୂର୍ଣ୍ଣନ ପ୍ରକ୍ରିୟା ହିଁ ଲକ୍ଷ୍ୟସିଦ୍ଧ କରେ,
ଏହା ଆମେ ଜାଣିବା ଜରୁରୀ ବୋଲି ଜାଣିଛୁ ତ ?

– ରେଗଡା, ଏମ୍.ରାମପୁର, କଳାହାଣ୍ଡି
ମୋ: ୭୭୩୫୪୧୯୫୭୩

# ଜୀବନ

–ସତ୍ୟନାରାୟଣ ଗନ୍ତାୟତ

ଜୀବନ ଥାଇ ବି
ଜୀବନ ନାଇଁ ମୋ
ଜୀବନ ଖୋଜୁଚି
ଜୀଇବା ପାଇଁ !

ଜୀଇ ପାରୁନି କି
ମରି ବି ପାରୁନି
ଜୀବନ ମରଣ
ମଝିରେ ରହି !!

–କସ୍ତୁରୀ ନଗର, ରାୟଗଡା,
ମୋ: ୯୪୩୭୯୦୯୬୭୫





ବରୁଣ

# ମନ୍ଦିର ଯିବା ରହସ୍ୟ

ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ। ଇତି ମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଲେଣି। ତେବେ ତାଙ୍କର ଏକ ଭଲ ଅଭ୍ୟାସ ଅଛି। କୌଣସି ଫିଲ୍ମର ଶୁଟିଂ ଆରମ୍ଭ ପୂର୍ବରୁ ସେ ନିକଟସ୍ଥ ମନ୍ଦିରକୁ ଯାଆନ୍ତି। ସେଠାରେ ପୂଜାର୍ଚ୍ଚନା କରନ୍ତି। ଏ ସମ୍ପର୍କରେ ବରୁଣ କହନ୍ତି, 'ମନ୍ଦିର ଯିବା ମୋର ପିଲାଟି ଦିନରୁ ଅଭ୍ୟାସ। ମୁଁ ଅଭିନୟ କରିବାକୁ ଯାଉଥିବା କୌଣସି ନୂଆ ସିନେମାର ଶୁଟିଂ ପୂର୍ବରୁ ଯେମିତି ହେଲେ ମନ୍ଦିର ଯାଏ। କାରଣ ଠାକୁରଙ୍କ ଆଶୀର୍ବାଦ ବିନା କିଛି ସମ୍ଭବ ନୁହେଁ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ମେକ୍‌ଅପ୍ ନେବା ସମୟରେ ନିଜର କେଶ ବିନ୍ୟାସ ପ୍ରତି ବରୁଣ ଅଧିକ ଗୁରୁତ୍ୱ ଦିଅନ୍ତି। ବେଳେବେଳେ ସେ ଏଥିପାଇଁ ଘଣ୍ଟାଏରୁ ଅଧିକ ସମୟ ନେଇଥାଆନ୍ତି। ବରୁଣଙ୍କ ନିକ୍ ନେମ୍ ପପୁ। ଯେତେବେଳେ ସେ ଆମେରିକାର ନଟିଂହାମ ଟ୍ରେଣ୍ଟ ୟୁନିଭର୍ସିଟିରେ ପଢୁଥିଲେ ସେତେବେଳେ ପକେଟ୍‌ମନି ପାଇଁ ନାଇଟ କ୍ଲବ୍‌ରେ ଲିଫଲେଟ୍ ବାଣ୍ଟୁଥିଲେ।

# କେବଳ ସୁଯୋଗକୁ ଅପେକ୍ଷା

କଥାରେ ଅଛି ଅଶା। ଅସୁମାରୀ। ଦେଖୁନାହାନ୍ତି ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିଥିଲେ ମଧ୍ୟ ସେ କେମିତି ଏକ ସମ୍ପୂର୍ଣ୍ଣ କମେଡିଭିତ୍ତିକ ଭୂମିକାଟିଏ ପାଇଁ ଆଶା ବାନ୍ଧିଛନ୍ତି। ସେ ହେଲେ ବୋନି ତନୟା ଜାହ୍ନବୀ କପୁର। କଥା କ'ଣ କି ଏବେ ଏକ ଦମଦାର ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ କଥା। କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି? ଏ ନେଇ ଜାହ୍ନବୀ କହନ୍ତି, 'ଗତ କିଛି ମାସ ଭିତରେ ମୁଁ ଅନେକ କମେଡିଭିତ୍ତିକ ହିନ୍ଦି ଫିଲ୍ମ ଦେଖଛି। ଅସଲ କଥା ହେଲା, ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, କେତୋଟି ଭଲ ଭଲ କମେଡିଭିତ୍ତିକ କାହାଣୀର ମଧ୍ୟ ସିଲେକ୍ସନ କରିଛି। ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ଜାହ୍ନବୀଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଧଡକ୍'ରୁ।



ଜାହ୍ନବୀ

# କେତେବେଳେ ନା, କେତେବେଳେ ହଁ

କଥାରେ ପରା ଅଛି– 'ବୋହି ଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରିଆସେନା।' ଦେଖୁନାହାନ୍ତି, ଯେତେବେଳେ ତାଙ୍କୁ ଏହି ଅଫରଟି ମିଳିଲା, ସେଥିରେ ଅଭିନୟ କରିବେ ନାହିଁ ବୋଲି କହି ଏଭଳି ସୁଯୋଗକୁ ହାତଛଡ଼ା କରିଥିଲେ। ହେଲେ କିଛି ଦିନ ପରେ ସେ ନିଜ ନିଷ୍ପତ୍ତିକୁ ପୁଣି ଥରେ ତର୍ଜମା କରି ତାହାକୁ ବଦଳାଇବାକୁ ଠିକ୍ କଲେ। ତା'ପରେ ନିଜର ନୂଆ ନିଷ୍ପତ୍ତି ବିଷୟରେ ଯେତେବେଳେ ପ୍ରଯୋଜନା ସଂସ୍ଥା ସହ ଯୋଗାଯୋଗ କଲେ, ସେତେବେଳେ ସବୁକିଛି ଓଲଟ ପାଲଟ ହୋଇ ଯାଇଥିଲା। ହଁ, ଏପରି ସୁଯୋଗ କାହାକୁ ମିଳିଥିଲା ଜାଣନ୍ତି?ନୁସରତ ଭରୁଚାଙ୍କୁ। ଅଫରଟି ହାତଛଡ଼ା କରିବା ପରେ ଏବେ ତାଙ୍କ ସ୍ଥାନରେ ଜଣେ ନବାଗତାଙ୍କୁ ସାଇନ୍ କରାଯିବାର ଯୋଜନା ରହିଛି। ଏ ନେଇ ନୁସରତ କହନ୍ତି, 'ଏହି ଅଫରଟି ମିଳିବା ସମୟରେ ମୁଁ ସେଥିରେ ଆକ୍ଟିଂ କରିବି ନାହିଁ ବୋଲି ମନା କରିଦେଇଥିଲି। ହେଲେ ପରେ ଯେତେବେଳେ ସେ ନେଇ ଗଭୀର ଭାବେ ଚିନ୍ତା କଲି ଏବଂ ପ୍ରଯୋଜନା ସଂସ୍ଥାକୁ ମୋ ପକ୍ଷରୁ ନିଷ୍ପତ୍ତି ପରିବର୍ତ୍ତନ ନେଇ ଜଣାଇଲି, ସେତେବେଳକୁ ସବୁକିଛି ଶେଷ ହୋଇ ଯାଇଥିଲା। ମୁଁ ଅଫରଟିକୁ ହାତଛଡ଼ା କରିବା ପରେ ସେମାନେ ଜଣେ ନବାଗତାଙ୍କୁ ସାଇନ୍ କରାଇ ସାରିଥିଲେ। ସେହି ଅଫର ହାତଛଡ଼ା କରିବା ପରେ ଏବେ ମୁଁ ଅନୁତାପ କରୁଛି।'



ନୁସରତ

# ଖୋଜିଲା ଚିଜ ମିଳିଗଲା

କଥାରେ ଅଛି–ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ତାପସୀ ପାନ୍ନୁ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ସମାଜ ସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଯଦିଓ ଏହାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଉକ୍ତ ଚଳଚ୍ଚିତ୍ରରେ ନିଜ ଭୂମିକା ସମ୍ପର୍କରେ ତାପସୀ କହନ୍ତି, 'ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ହେଲେ ଏକ ନିପଟ ମଫସଲରେ ତାହାର ପ୍ରକୃତ ଅର୍ଥକୁ ଅନେକେ ବୁଝିବାକୁ ନାରାଜ। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ଦୃଢ଼ମନା ସେହି ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡିଛି। ଶେଷରେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ବି ପଛାଉ ନାହିଁ। ଏଭଳି ଏକ ଦମ୍‌ଦାର କାହାଣୀର ଫିଲ୍ମ ପାଇଁ ଭଲ ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ।' ତେବେ ଏହି ଭୂମିକା ତାପସୀଙ୍କ ଆକ୍ଟିଂ କ୍ୟାରିୟରକୁ କି ମୋଡ ଦେଉଛି ତାହା ଦେଖିବାକୁ ବାକି ରହିଲା। ତେଲୁଗୁ ଫିଲ୍ମ 'ଜୁମାଦି ନାଦାମ'ରୁ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ତାପସୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଚସ୍‌ମେ ବଦ୍ଦୁର' (୨୦୧୨)।



ତାପସୀ

# ପ୍ରେମ ପାଇଁ ଟେନସନ୍

ବାଣୀ କପୁରଙ୍କ ଟେନ୍‌ସନ୍ ଏବେ ଟିକେ ବଢ଼ିଯାଇଛି। ଆଉ ତାହାର କାରଣ କ'ଣ ଜାଣନ୍ତି? ପ୍ରେମ। ସେ କୁଆଡେ ଜଣେ ବିଦେଶୀ ବିଜନେସମ୍ୟାନଙ୍କ ପ୍ରେମରେ ପଡିଯାଇଛନ୍ତି ବୋଲି ଆଲୋଚନା ହେଉଛି। ଯେତେବେଳେ ଏହି କଥା ବାଣୀଙ୍କ କାନରେ ବାଜିଲା ସେତେବେଳେ ସେ ଏହାକୁ ବିଶ୍ୱାସ କରିପାରି ନ ଥିଲେ। ଆଉ ସେ ଚୁପ୍ ହୋଇ ବି ବସି ରହିପାରିଲେ ନାହିଁ। ଶେଷରେ ଏ ନେଇ ମୁହଁ ଖୋଲିଛନ୍ତି ଏହି ଅଭିନେତ୍ରୀ। ଏଭଳି ଆଲୋଚନାକୁ ନେଇ ବାଣୀ କହନ୍ତି, 'ମୋତେ ନେଇ ଯେଉଁ ଆଲୋଚନା ହେଉଛି ତା' ପଛରେ କିଛି ସତ୍ୟତା ନାହିଁ। କେହି ମୋତେ ବଦନାମ କରିବାକୁ ଏପରି ଅପପ୍ରଚାର ଚଳାଇଛି। ଯେଉଁ ବିଦେଶୀ ବିଜନେସମ୍ୟାନଙ୍କ ସହ ମୋ ନାମକୁ ଯୋଡାଯାଉଛି ସେ ମୋର ବନ୍ଧୁ। ନିକଟରେ ମୁଁ ସାଇନ୍ କରିଥିବା ନୂଆ ସିନେମା ପାଇଁ ସେ ଫାଇନାନ୍ସ କରୁଛନ୍ତି। ତାଙ୍କ ସହିତ କେବଳ ମୋର ବନ୍ଧୁତା ରହିଛି। ଏହାକୁ ଅନ୍ୟ ଅର୍ଥରେ ଦେଖିବା ଆଦୌ ଠିକ୍ ନୁହେଁ। ଏବେ ମୋର ପ୍ରେମ କରିବାକୁ ସମୟ ନାହିଁ। କାରଣ ବର୍ତ୍ତମାନ ମୁଁ ନିଜ ଆକ୍ଟିଂ କ୍ୟାରିୟର ଉପରେ ଫୋକସ୍ କରୁଛି।' ତେବେ ବାଣୀଙ୍କର ଏହି ପ୍ରେମ କାହାଣୀ ପଛରେ କି ସତ୍ୟତା ଅଛି ତାହା ତାଙ୍କୁ ହିଁ ଜଣା। ଅନ୍ୟପକ୍ଷରେ ଚଳିତବର୍ଷ ସେ ଅଭିନୟ କରୁଥିବା ସିନେମାଗୁଡିକ ମଧ୍ୟରେ ରହିଛି 'ଖେଲ୍ ଖେଲ୍ ମେଁ', 'ରେଡ୍–୨' ଏବଂ 'ବଡମିଜ୍ ଗିଲ୍'।



ବାଣୀ



ବବି

# ଦୃଢ଼ମନା ବବି

ବବି ମିଶ୍ର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଫେରିଲେ ମୁଁ ତୁମର'। ଏକ ଭିନ୍ନଧରଣ ପ୍ରେମ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି। ଏହାର କାହାଣୀକୁ ଅଭିନେତା ବବି ମିଶ୍ର ଲେଖିଥିବା ବେଳେ ତାହାକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଏକ ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହି ଚିତ୍ରକୁ ନିର୍ମାଣ କରାଯାଇଛି। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡିର ଭରପୁର ତଡକା ରହିଛି ବୋଲି କହନ୍ତି ଡ. ରଜନୀ। ଫିଲ୍ମର ମୁଖ୍ୟ ଭୂମିକାରେ ସମ୍ବିତ, ବବି ମିଶ୍ର, ତୃପ୍ତି, ଭାବନା, ପପି ସନ୍ତୁକା ଏବଂ ହରିହର ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ଦେବକାନ୍ତ ମିଶ୍ର ଏହାର ପ୍ରଯୋଜନା କରିଥିବା ବେଳେ ଏକଜୁକ୍ୟୁଟିଭ ପ୍ରଡ୍ୟୁସର ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର–କମ୍–ନିର୍ଦ୍ଦେଶକ ସୁଧାକର ବସନ୍ତ। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ରିଲିଜ ହେବା ପରେ ହିଁ ଜଣାପଡିବ।

# ପ୍ରଥମ ପାରିଶ୍ରମିକରେ ଘରଲୋକଙ୍କୁ ଉପହାର ଦେଇଥିଲି

ପ୍ରଥମ ରୋଜଗାର



**ସାହିତ୍ୟିକା ମୀନାକ୍ଷୀ ପଣ୍ଡା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ଅର୍ଥନୀତିରେ ଜଣେ ମେଧାବୀ ଛାତ୍ରୀର ମୋହର ବାଜିଥିଲେ ହେଁ ଅର୍ଥ ଉପାର୍ଜନ ପାଇଁ ଆଗକୁ ସୁଯୋଗ ଦେଲେନି ପରିବାର। ସୁତରାଂ ଗ୍ରାଜୁଏଶନ ପରେ ବିବାହ ପରର ଜୀବନ ଆରମ୍ଭ କଲି ସମର୍ପିତା ହୋଇ। ଦୁହିତା-ଦୁଇ କୁଳକୁ ହିତା ନ୍ୟାୟରେ କର୍ତ୍ତବ୍ୟ, ଦାୟିତ୍ୱର ଓଜନିଆ ଚାବିମାଳକୁ ଅଣ୍ଟାରେ ଖୋଷି ଆକ୍ତାମାକ୍ତା ହେଇ କାମ କରିବା ଭିତରେ ନିଜ ରୁଚିକୁ ବି ଜାବୁଡ଼ି ଧରିଥିଲି। କିଛି ଟିକେ ପଢ଼ିଦେବାର ଅଧୀର ଭାବ, ପିଲାଙ୍କ ରଫ୍ ଖାତା ପଛପଟେ କିଛି ଲେଖିଦେବାର ଉତ୍କଣ୍ଠା ରହୁଥିଲା ମୋର। ତା'ସହିତ ନିଜ ପାଇଁ ପରିବାର ଲାଗି ଟିକେ ସମୟ ପାଇଲେ ମେଶିନ ପାଖରେ ବସିପଡ଼ି ନୂଆ ନୂଆ ଜିନିଷି ତିଆରି କରିବାରେ ବି ଆଗ୍ରହ ରଖୁଥିଲି। କ୍ରମେ ଚମଡ଼ା, କପଡା, ଫୋମ, ସ୍ପଞ୍ଜିକୁ କାଟିକୁଟି, ଯୋଡ଼ିଯାଡ଼ି ଛୋଟ ଛୋଟ ପର୍ସ ତିଆରି କରି ଅନ୍ୟମାନଙ୍କୁ ଉପହାର ଦେବା ଓ ପ୍ରଶଂସା ପାଇବା ଭିତରେ ଇଚ୍ଛା ଥିଲା କିଛି ତ କରିବି, ଯେମିତି ଭିଡ଼ ଭିତରେ ବାରି ହୋଇପଡୁଥିବି।

କିନ୍ତୁ ମନ ଭିତରେ ଥିଲା ଡର ଓ ଆଶଙ୍କା, କାହାକୁ ଭଲ ନ ଲାଗିବ ଯଦି ମୋ ଚିନ୍ତାଧାରା! ତଥାପି ମନ କଥା ମନରେ ରଖି ଗୁରୁଦିବସରେ ମୋ ଯୋଗଗୁରୁଙ୍କୁ ଉପହାର ଦେଲି ଛୋଟ ଫୋଲ୍ଡିଂ ବ୍ୟାଗ୍‌ଟିଏ। ଅବର୍ଣ୍ଣନୀୟ ସେ ମୁହୂର୍ତ୍ତ, ଅପାସୋରା ସେ ଅନୁଭବ...। ତା'ପରର ସମୟ ସତରେ ଅଭୁଲା। ଆଗ୍ରହର ସହ କିଣିନେଲେ ଉପସ୍ଥିତ ଯୋଗସାଥୀମାନେ। ଦଶ ମିନିଟ୍ ଭିତରେ ଯେଉଁ ଚଉଦ ପନ୍ଦର ବ୍ୟାଗ୍ ନେଇଥିଲି ସେତକ ସରିଗଲା। ଆଗ୍ରହ, ବିଶ୍ୱାସ, ଆଶା ସଞ୍ଚାରିତ ହେଲା ମନରେ। ମୋ ହାତ କାମ ପଡିଥିବା ବ୍ୟାଗ ସମସ୍ତଙ୍କ ମନଲାଖି ହେଉଛି ଅର୍ଥ ମୁଁ କିଛି ରୋଜଗାର କରିପାରିବି। ସେଦିନର ସେହି ରୋଜଗାର ମୋତେ ଆତ୍ମବିଶ୍ୱାସୀ କରିଥିଲା। ଅନେକ ଖୁସି ଦେଇଥିଲା ।

ବଜାର ଯାଇ ଶାଶୁ, ପିଲା ଓ ସ୍ୱାମୀଙ୍କ ପାଇଁ କିଛି ନା କିଛି ଜିନିଷ ଖୁସିରେ କିଣିଆଣିଲି ମୋ ପାରିଶ୍ରମିକର ପ୍ରଥମ ଉପହାର ଭାବରେ। ସେମାନଙ୍କ ଆଖିର ଚମକ୍ କିନ୍ତୁ ମୋ ଆଖିରେ ଲୁହ ଆଣି ଦେଇଥିଲା। କିଛିଦିନ ପରେ ମୋ ବାବା ବୋଉଙ୍କ ପାଇଁ ବି ସେହି ପଇସାରୁ କିଛି କିଣିକି ନେଇ ଯାଇଥିଲି। ସେଠାରେ କିନ୍ତୁ ଈଶ୍ୱର ମୋ ପାଇଁ ଅଲଗା ବ୍ୟବସ୍ଥା କରିଥିଲେ। ସେଠି ଗୋଟିଏ ଛୋଟ ଗରିବ ଝିଅଟିର ଆଶା, ବିବଶତା ଓ ତା' ମାଆର ଅସହାୟତା ମୋତେ ବିଚଳିତ କରିଦେଇଥିଲା। ସେଦିନ ସଙ୍କଳ୍ପ କରିଥିଲି ରୋଜଗାରର ମାଧ୍ୟମ ହୋଇ ମୋ ପାଖରେ ଥିବା ମୋର ବ୍ୟାଗ୍ ତିଆରି କୌଶଳ କାହାର ଭବିଷ୍ୟତ କାମରେ ଯେମିତି ଆସିବ ସେହି ଚେଷ୍ଟା ଜାରି ରଖିବି। ଈଶ୍ୱର ମୋତେ ପାରିବାରିକ କର୍ତ୍ତବ୍ୟ ଭିତରେ ଏତେ ସୁନ୍ଦର ଦାୟିତ୍ୱଟେ ଧରେଇ ଦେଇଛନ୍ତି ମୋତେ ସେତିକି ଯୋଗ୍ୟର ଭାବି। ସେହି ଠାକୁରଙ୍କ ଇଚ୍ଛାରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ପ୍ରାଚୀନ ଚିତ୍ରକୁ ବ୍ୟାଗ୍‌ରେ ଆଙ୍କି ତା' ସହିତ ସମ୍ବଲପୁରୀ କପଡ଼ାର ପ୍ରଚାର ପ୍ରସାର ପାଇଁ ଚେଷ୍ଟା କରୁଛି ; ଯାହା ଲୋକଙ୍କ ପସନ୍ଦ ହେଉଛି ବୋଲି ଖୁସି ଲାଗୁଛି। ଏସବୁ ପରେ ବି ମୋର ସାହିତ୍ୟ ସାଧନା ସବୁବେଳେ ଜାରି ରହିଛି। ଖାସ୍ କରି ଗପ, କବିତା, ପ୍ରବନ୍ଧ ଲେଖିବାରେ ମୋର ରୁଚି ରହିଛି। ଯା' ଭିତରେ ମୋ ଲିଖିତ ପ୍ରାୟ ୧୦ଟି ଗପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି।

# ହସରେ ରହିଛି ଅନେକ କଥା, ଭାବନାରେ ଘୁରି ଯାଉଛି ମଥା

ସାଥୀ



**ପ୍ରଶ୍ନ**—ମୋତେ ଜଣେ ଝିଅ ଦେଖିଲା ମାତ୍ରେ ହସି ଦେଉଛି। ସେ ଭଲ ପାଉଛି ବୋଲି କେମିତି ଜାଣିବି ?

*–ଆଦିତ୍ୟ ସାହୁ, ଢେଙ୍କାନାଳ*

**ଉତ୍ତର :** ଯଦି ସେପଟୁ କିଛି ଇସାରା ପାଉଛନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। କାରଣ ବେଳେବେଳେ ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ। ଆପଣ ବୋଧହୁଏ କାହାର ଲାଜୁଆ ହସରେ ପାଗଳ। 'ହସରେ ରହିଛି ଅନେକ କଥା, ଭାବନାରେ ଘୁରି ଯାଉଛି ମଥା।' ଯଦି ମନର ମାନସୀ ପଟରୁ ସିଗନାଲ ଗ୍ରୀନ୍ ରହିଛି ତେବେ ଯେତେ ଶୀଘ୍ର ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ**—ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡିବ। ଏବେ ମୁଁ କ'ଣ କରିବି ?

*–ତପନ ରାଉତ, କଟକ*

**ଉତ୍ତର :** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯଦି ପ୍ରେମ ଫାସରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡେ ହେଲେ ଗୋଟିଏ ପଟକୁ ଢ଼ଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଜୋର୍ କା ଝଟ୍‌କା ଧୀରେସେ ଦେଇ ଫୁର୍ କିନା ଉଡିଯିବେ। ସେତେବେଳେ ଆପଣଙ୍କ ଦରଦୀ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ କେହି ନ ଥିବେ।

**ପ୍ରଶ୍ନ**—ପ୍ରେମ ନିଶା କ'ଣ ସତରେ ଗାଢ଼ ? ଏକଥା କେମିତି ଜାଣିବି ?

*–ଜିତେନ୍ଦ୍ର ମହନ୍ତ, ବାଲେଶ୍ୱର*

**ଉତ୍ତର :** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି–ପ୍ୟାର୍ କା ଲଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ। ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**—ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ଶରତ କୁମାର, ପାରାଦୀପ, ଜଗତସିଂହପୁର*

**ଉତ୍ତର :** ସେ ବୋଧହୁଏ ଆପଣ କହିଥିବା ମନର କଥାକୁ ତର୍ଜମା କରୁଛି। ସେ ହୁଏତ କିଛି ଭଲ ହେଉ କି ମନ୍ଦ କଥା କହିବାକୁ ଚାହୁଁଛି। ହେଲେ ସାହସ ଜୁଟାଇ ପାରୁନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି, ତେବେ ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ଅନ୍ୟପକ୍ଷରେ ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !



# ସଫଳତା ଦେଇଛି ଦୃଢ ଇଚ୍ଛାଶକ୍ତି

**ଅ**ଧ୍ୟାପିକା ଚାକିରି ଛାଡ଼ି ସେ ସୃଷ୍ଟି କରିଛନ୍ତି ଆଗ୍ରୋ ଇକୋ ଫାର୍ମ ହାଉସ। ଏହି ଫାର୍ମରେ ସେ ପାଳୁଛନ୍ତି ଦେଶବିଦେଶର ଏକାଧିକ ପଶୁପକ୍ଷୀଙ୍କୁ। ପୁଣି ଜୈବିକ ପଦ୍ଧତିରେ ପନିପରିବା ଚାଷ ସହିତ ବିଭିନ୍ନ ପ୍ରକାର ଫୁଲଫଳରେ ଭରା ଫାର୍ମ। ତା'ସହିତ ପୁଣି ରହିଛି କେତେକ ଔଷଧୀୟ ବୃକ୍ଷଲତା। ଏଠାରେ ରହୁଥିବା ଜୀବଜନ୍ତୁ ଓ ବୃକ୍ଷଲତାର ସୁରକ୍ଷା ନିମନ୍ତେ ଏକାଧିକ ବ୍ୟକ୍ତି ନିଯୁକ୍ତ ହୋଇ ରୋଜଗାରକ୍ଷମ ହୋଇପାରିଛନ୍ତି। ଏହି ଆଗ୍ରୋ ଇକୋ ଫାର୍ମ ହାଉସର ପ୍ରତିଷ୍ଠାତା ହେଲେ ଜଣେ ଉଚ୍ଚଶିକ୍ଷିତା ଉଦ୍ୟୋଗୀ ମହିଳା ; ଯେକି ଦିନେ ଶ୍ରେଷ୍ଠ ମହିଳାଚାଷୀ ଭାବେ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ ହୋଇଥିଲେ। ସେ ହେଲେ **ଦେବୀଦାନୀ ମିଶ୍ର**। ବୃତ୍ତିରେ ଜଣେ ଫାର୍ମାସିଷ୍ଟ କଲେଜର ଅଧ୍ୟାପିକା। ହେଲେ ଏବେ ସେ ଅଧ୍ୟାପନା ଛାଡ଼ି ଜଣେ ସଫଳ ଉଦ୍ୟୋଗୀ। ସେ କୁହନ୍ତି, ପିଲାଟି ଦିନରୁ ପ୍ରାକୃତିକ ପରିବେଶ ଓ ବିଭିନ୍ନ ପଶୁପକ୍ଷୀଙ୍କ ପ୍ରତି ମୋର ଭଲପାଇବା ରହିଥିଲା। ବିଭିନ୍ନ ପଶୁପକ୍ଷୀଙ୍କୁ ଦେଖିଲେ ମୋତେ ବହୁତ ଖୁସି ଲାଗେ। ମୋ ବାପା ଅଭୟ କୁମାର ମିଶ୍ର ଅନୁଗୋଳରେ ଚାକିରି କରି ରହୁଥିବାରୁ ସେଠାରେ ମୋର ପାଠପଢ଼ା ଆରମ୍ଭ ହୋଇଥିଲା। ପରେ ବ୍ରହ୍ମପୁରରେ ଏମ୍ ଫାର୍ମ ସାରିଲି। ଏହାପରେ ଜୟପୁରର ଏକ ଘରୋଇ ଫାର୍ମାସିଷ୍ଟ କଲେଜରେ








ଅଧ୍ୟାପିକା ଭାବେ କିଛିଦିନ କାର୍ଯ୍ୟ କରିଥିଲି। ସମୟକ୍ରମେ ସିଦ୍ଧାର୍ଥ ଶାହାଙ୍କ ସହିତ ମୋର ବିବାହ ହୁଏ। ଥରେ ଶାଶୁଘର ଲୋକଙ୍କ ସହିତ କପିଳାସ ବୁଲିବାକୁ ଯାଇଥିଲି ; ଯେଉଁଠି ଏକ ଫାର୍ମ ହାଉସ ଦେଖି ସ୍ୱାମୀଙ୍କୁ କହିଥିଲି, ମୁଁ ବି ଗୋଟେ ଫାର୍ମ ହାଉସ୍ କରିବାକୁ ଚାହୁଁଛି। ଯେଉଁଥିରେ ମୋ ସ୍ୱାମୀଙ୍କ ଛଡ଼ା ଶ୍ୱଶୁର ଶତ୍ରୁଘନ ଲାଲଶାହା ଓ ଶାଶୁଙ୍କ ସହୋଯାଗ ମିଳିଥିଲା। ସମ୍ବଲପୁର ସହରଠାରୁ ମାତ୍ର ୪କି.ମି ଦୂର ଯୁଯୁମରା ବ୍ଲକ ଅନ୍ତର୍ଗତ ଜୟନ୍ତପୁର ଗ୍ରାମପଞ୍ଚାୟତ ଅଧୀନ କେନଘାଟିଠାରେ ପ୍ରାୟ ୫୫ଏକର ପରିମିତ ଜାଗା କିଣିଲୁ। ୨୦୧୬ ମସିହାରେ ଏଠାରେ ପ୍ରଥମେ ହାତଗଣତି କେତୋଟି ପଶୁପକ୍ଷୀ ରଖିଲୁ। ଏହାସହ ଫାର୍ମରେ ଆମ୍ବ, ପିଜୁଳି, ନଡ଼ିଆ ଆଦି ବିଭିନ୍ନ ବୃକ୍ଷଲତା ଲଗାଇଲୁ। ଆଜି ଏହି ଫାର୍ମ ହାଉସରେ ପ୍ରାୟ ୫୦୦ଟି ଆମ୍ବଗଛ, ୩୦୦ଟି ଲେମ୍ବୁଗଛ, ୩୦୦ଟି ନଡ଼ିଆଗଛ, ୨୫୦ଟି ପିଜୁଳି ଗଛ ବ୍ୟତିତ ରୁଦ୍ରାକ୍ଷ, ଡାଲଚିନି, ତେଜପତ୍ର, ସେଓ, ଡାଳିମ୍ବ ଆଦି ବିଭିନ୍ନ ପ୍ରକାର ଫଳଗଛ ଲଗାଯାଇଛି। ଏଥିସହିତ ଜାରବେରା, ଗ୍ଲାଡିୟସ ଆଦି ଫୁଲ ଚାଷ ହେଉଛି। ସ୍ୱତନ୍ତ୍ରଭାବେ ଏକ ପଲି ହାଉସ କରି ପ୍ରାୟ ୩ହଜାର ନାଲି ଗୋଲାପ ଗଛ ଲଗାଯାଇଛି। ଏହାବାଦ୍ ଓଟପକ୍ଷୀ (ଆଫ୍ରିକାନ) ୧୦୦ଟି, ଏମୁପକ୍ଷୀ ୧୧୦ଟି, ଟର୍କି ୨୫ଟି, ଘୋଡ଼ା ୭ଟି, ୨ଟି ଓଟ, ୪ଟି ପନି-ସ୍କଟଲାଣ୍ଡର, ୨ଟି ପକେଟ ମଙ୍କି, ୭/୮ପ୍ରଜାତିର ପାରା ପ୍ରାୟ ୬୦ରୁ ଅଧିକ ଏବଂ ୬ଟି ପ୍ରଜାତିର ଗାଈ ୧୦୦ଟି ରହିଛନ୍ତି। ୨୫ଏକର ଜମିରେ ଧାନ ଚାଷ ହେଉଛି। ସେହିପରି ମାଛ ଚାଷପାଇଁ ପୋଖରୀ ରହିଛି। ବିଭିନ୍ନ ଔଷଧୀୟ ଓ ମସଲା ଗଛ ମଧ୍ୟ ଲାଗିଛି। ଏସବୁର ସୁରକ୍ଷା ନିମନ୍ତେ ଅଞ୍ଚଳର ପ୍ରାୟ ୩୫ଜଣ ବ୍ୟକ୍ତି ବର୍ଷର ସବୁ ସମୟରେ କାର୍ଯ୍ୟ କରିବା ସହିତ ଭଲ ରୋଜଗାର କରିଥାନ୍ତି। ପଶୁପକ୍ଷୀଙ୍କ ଯତ୍ନଲାଗି ଜଣେ ପ୍ରାଣୀ ଚିକିତ୍ସକ, ଡାଏଟିସିଆନ ଅଛନ୍ତି। ତେବେ ପଲ୍ଲୀହାଉସରୁ ପ୍ରତିଦିନ ପ୍ରାୟ୨ହଜାର ଗୋଲାପ ଫୁଲ, ଗାଈକ୍ଷୀର, ପ୍ରତିବର୍ଷ ଅମଳ ହେଉଥିବା ଧାନ ଓ ଫଳ, ପନିପରିବା ବିକ୍ରିରୁ ମିଳୁଥିବା ଅର୍ଥରେ ଫାର୍ମର କାର୍ଯ୍ୟ ପରିଚାଳନା ହୋଇଥାଏ। କହିବାକୁ ଗଲେ ମାସିକ ପ୍ରାୟ ୭ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏକଥା ସତ ଯେ ପିଲାଟି ଦିନରୁ ମୋର ପ୍ରାକୃତିକ ପରିବେଶ ଓ ପଶୁପକ୍ଷୀଙ୍କ ପ୍ରତି ଥିବା ଶ୍ରଦ୍ଧା ଯୋଗୁ ଅଧ୍ୟାପିକା ଚାକିରି ଛାଡ଼ି ଫାର୍ମ ହାଉସ କରିବାକୁ ମନ ବଳାଇଥିଲି। ଆଜି ମୋ ପୁଅ ଓ ଝିଅ ବି ମୋତେ ଏଥିରେ ସାହାଯ୍ୟ କରିଥାନ୍ତି। ତେବେ ପ୍ରତିଦିନ ଫାର୍ମ ହାଉସରେ ସକାଳେ ପ୍ରାୟ ୭ଟାରୁ ୩ଘଣ୍ଟା ସମୟ ଦେଇଥାଏ। ସେହିପରି ସନ୍ଧ୍ୟାରେ ମଧ୍ୟ ଫାର୍ମକୁ ଆସି ବିଭିନ୍ନ ସୁବିଧା ଅସୁବିଧା ବୁଝିଥାଏ। ଏମ୍ ଫାର୍ମା ପାଠ ପଢ଼ିଥିବାରୁ ଔଷଧ ସମ୍ପର୍କରେ ମୋର ଧାରଣା ରହିଛି। ଏବେ କେତୋଟି କଟେଜ୍ କରିବାର ପ୍ରୟାସ କରିଛି। କାରଣ ଏଠାକୁ ବିଭିନ୍ନ ସମୟରେ ଅତିଥିମାନେ ବୁଲିବାକୁ ଆସିଥାନ୍ତି । ସେମାନେ ବିଭିନ୍ନ ଔଷଧୀୟ ଗଛଲତା ଫୁଲଫଳ ଓ ପଶୁପକ୍ଷୀଙ୍କୁ ଦେଖି ବହୁତ ଖୁସି ହୋଇଥାନ୍ତି ; ଯାହା ମୋତେ ମାନସିକ ଶାନ୍ତି ଦେଇଥାଏ। ମୁଁ ଏତିକି କହିବି, ଦୃଢ଼ ଇଚ୍ଛାଶକ୍ତି ଓ ନିଷ୍ଠାର ସହିତ କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳିବ।

-ଶଙ୍କର ବେହେରା








## ହାଃ ହାଃ

### ଲଟେରି

ସ୍ୱାମୀ ସ୍ତ୍ରୀକୁ– ଯଦି ମୋର ଲଟେରି ଉଠେ ତମେ କ'ଣ କରିବ ?
ସ୍ତ୍ରୀ– ସେଥିରୁ ଅଧା ଟଙ୍କା ଧରି ମୁଁ ମୋ ବାପଘରକୁ ଚାଲିଯିବି। ମୁଁ ଖୁସ୍ ଆଉ ତମେ ବି ଖୁସ୍।
ସ୍ୱାମୀ– ଆଜି ମୋର ୨୦ ଟଙ୍କାର ଲଟେରି ଉଠିଛି। ଏଇ ନିଅ ୧୦ ଟଙ୍କା। ଆଉ ଯାଅ ତୁମ ବାପଘରକୁ।

### ଅଲଗା

ଭିକାରି ଜଣେ ବ୍ୟକ୍ତିଙ୍କୁ: ବାବୁ,ଦୟାକରି ୨୦୦ ଟଙ୍କା ଦିଅନ୍ତୁ।
ବ୍ୟକ୍ତି: କ'ଣ ପାଇଁ ?
ଭିକାରି: ମୁଁ ମୋ ପରିବାରଠୁ ଅଲଗା ହେଇଯାଇଛି।
ବ୍ୟକ୍ତି:  ତମ ପରିବାର କୋଉଠି ଅଛନ୍ତି ?
ଭିକାରି: ମଲ୍ଟିପ୍ଲେକ୍ସରେ ଫିଲ୍ମ ଦେଖୁଛନ୍ତି।

### କାହିଁକି ଦେଖୁଛ?

ସ୍ୱାମୀ ଟିଭି ଦେଖୁଥିବା ସ୍ତ୍ରୀକୁ: କ'ଣ ଦେଖୁଛ ?
ସ୍ତ୍ରୀ: ରୋଷେଇ କାର୍ଯ୍ୟକ୍ରମ।
ସ୍ୱାମୀ: ଦିନସାରା ଏଇୟା ଦେଖୁଛ। ହେଲେ ଆଜିଯାଏଁ ଭଲ ରୋଷେଇ କରିକି ଟିକେ ଦେଇପାରିଲନି।
ସ୍ତ୍ରୀ: ଆଉ ତମେ ତ ସବୁବେଳେ କୌନ୍ ବନେଗା କରୋଡ ପତି ଦେଖୁଛ। କାଇଁ ଏଯାଏ ତ କରୋଡପତି ହେଇପାରିଲନି।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ,  ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦  ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ବୌଦ୍ଧ କ୍ଷେତ୍ର ତୱାଙ୍ଗ୍







**ଅରୁଣାଚଳ ପ୍ରଦେଶର ଏକ ଆକର୍ଷଣୀୟ ସହର ହେଉଛି ତୱାଙ୍ଗ୍; ଯେଉଁଠାରେ ଦେଖିବା ପାଇଁ ରହିଛି ପାହାଡ଼, ଝରଣା ତଥା ଅନେକ ବୌଦ୍ଧ ମଠ। ତନ୍ମଧ୍ୟରୁ ତୱାଙ୍ଗ୍ ମଠଟି ହେଉଛି ଏହି ସହରର ଏକ ମୁଖ୍ୟ ଆକର୍ଷଣ ; ଯାହାକୁ ଦେଖିବାକୁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଗହଳି ପରିଲକ୍ଷିତ ହୋଇଥାଏ।**

ଅରୁଣାଚଳ ପ୍ରଦେଶର ତୱାଙ୍ଗ୍ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ସହର ହେଉଛି ତୱାଙ୍ଗ୍ ; ଯାହା ତୱାଙ୍ଗ୍ ଚୁ ନାମକ ଏକ ନଈ ନିକଟରେ ଗଢ଼ିଉଠିଛି। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ସୁନ୍ଦର ସୁନ୍ଦର ପାହାଡ଼, ଝରଣା, ପାହାଡ଼ ଉପରେ ଥିବା ବୌଦ୍ଧମଠ ତଥା ଆଖପାଖର ଛୋଟ ଛୋଟ ଗାଁ। କହିବାକୁ ଗଲେ ଏଠାରେ ଐତିହାସିକ, ଧାର୍ମିକ ତଥା ପୌରାଣିକ କଥାବସ୍ତୁର ଏକ ନିଚ୍ଛକ ସମ୍ମିଶ୍ରଣ ଦେଖିବାକୁ ମିଳିଥାଏ। ତା'ଛଡ଼ା ଏହି ଅଞ୍ଚଳରେ ମୁଖ୍ୟତଃ ମୋନପା ନାମକ ଏକ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରିଥାନ୍ତି ; ଯେଉଁମାନେ କି ପାହାଡ଼ ଉପରେ ପଥର ଓ ବାଉଁଶରେ ତିଆରି ସ୍ୱତନ୍ତ୍ର ଧରଣର ଘରେ ରହିବାକୁ ପସନ୍ଦ କରିଥାନ୍ତି। ସେମାନଙ୍କର ଏହି ଘର ହିଁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ କିଛିଟା ଭିନ୍ନ ଅନୁଭୂତି ଦେଇଥାଏ। ତା'ଛଡ଼ା ଏଠାରେ ତୱାଙ୍ଗ୍ ମଠ ନାମକ ଏକ ବଡ଼ ବୌଦ୍ଧମଠ ମଧ୍ୟ ରହିଛି ; ଯାହାକି ଏଠାକାର ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜିଥାଏ।

### ତୱାଙ୍ଗ୍ ମଠ

ଏହା ହେଉଛି ତୱାଙ୍ଗ୍ ସହରର ଏକ ବଡ଼ ବୌଦ୍ଧମଠ। ସୂଚନାନୁଯାୟୀ, ପଞ୍ଚମ ଦଲାଇ ଲାମା ନଗୱାଙ୍ଗ୍ ଲୋବସାଙ୍ଗ ଗ୍ୟାତସୋଙ୍କ ଇଚ୍ଛାନୁସାରେ ତାଙ୍କ ଶିଷ୍ୟ ମେରାକ ଲାମା ଲୋଡ୍ରେ ଗ୍ୟାତସୋ ୧୬୮୦-୮୧ ମସିହାରେ ଏହି ମଠଟିକୁ ଏଠାରେ କୁଆଡ଼େ ନିର୍ମାଣ କରାଇଥିଲେ। ଏହି ମଠଟି ଏକ ପାହାଡ଼ ଉପରେ ନିର୍ମିତ ; ଯାହାର ଉଚ୍ଚତା ପାଖାପାଖି ଦଶହଜାର ଫୁଟ ହେବ। ସେଥିପାଇଁ ଦୂରରୁ ଦେଖିଲେ ଉକ୍ତ ମଠଟି ଏକ ଦୁର୍ଗ ଭଳି ମନେ ହୋଇଥାଏ। ତା'ଛଡ଼ା ଏହି ମଠଟି କେବଳ ତୱାଙ୍ଗ୍‌ର ନୁହଁ, ଭାରତର ମଧ୍ୟ ଏକ ବଡ଼ ବୌଦ୍ଧ ମଠ ; ଯେଉଁଠାରେ ଏକକାଳୀନ ୭୦୦ ବୌଦ୍ଧ ସାଧୁ ରହିବାର ସୁବିଧା ରହିଛି। ଏହି ମଠ ପାର୍ଶ୍ୱ ଦେଇ ଏକ ଜଳଧାରା ବୋହିଯାଉଛି ; ଯାହାର ଅପୂର୍ବ ଦୃଶ୍ୟ ବେଶ୍ ମନଛୁଆଁ ହେବା ସହ ଏହାର ଶୁଦ୍ଧଜଳ ମଠର ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରୁଛି। ତେବେ ଏହି ମଠର ପ୍ରବେଶଦ୍ୱାର ଦକ୍ଷିଣ ଦିଗକୁ ରହିଛି ; ଆଉ ଏହି ଦ୍ୱାର ଦେଶରେ କରାଯାଇଥିବା ଆକର୍ଷଣୀୟ ଚିତ୍ରକଳା ପର୍ଯ୍ୟଟକଙ୍କୁ ଖୁବ୍ ପସନ୍ଦ ଆସୁଛି। ସେହିପରି ଉକ୍ତ ମଠ ପରିସରରେ ଥିବା ପ୍ରାୟ ୮ ମିଟର ଉଚ୍ଚତା ବିଶିଷ୍ଟ ବୁଦ୍ଧ ଦେବଙ୍କର ଏକ ବିରାଟ ମୂର୍ତ୍ତିଟି ଉକ୍ତ ମଠର ଶୋଭାକୁ ଆହୁରି ବଢ଼ାଇ ଦେଉଛି।

### ଆଉ କ'ଣ ଦେଖିବେ

ତୱାଙ୍ଗ୍ ମଠ ବ୍ୟତୀତ ପର୍ଯ୍ୟଟକ ଏଠାକାର ଆଖପାଖ ଅଞ୍ଚଳରେ ଆହୁରି କେତୋଟି ଆଖିଦୃଶିଆ ପର୍ଯ୍ୟଟନସ୍ଥଳୀ ମଧ୍ୟ ଦେଖିପାରିବେ। ଯେମିତିକି: ସେଲା ପାସ୍, ବୁମ୍‌ଲା, ଲୁମ୍‌ଲା, ମାଧୁରୀ ହ୍ରଦ, ଜେମିଥାଙ୍ଗ ଇତ୍ୟାଦି। ତା'ଛଡ଼ା ଏଠାକାର ଆଖପାଖ ଅଞ୍ଚଳରେ ଥିବା ଛୋଟ ଛୋଟ ଗାଁକୁ ଯାଇ ସେମାନଙ୍କର ଖାଦ୍ୟପେୟ, ଚାଲିଚଳଣ, ପରମ୍ପରା ଆଦିକୁ ନିକଟରୁ ଜାଣିବାର ଭଲ ସୁଯୋଗ ବି ଏଠାରେ ରହିଛି।

### ଅର୍ଥନୀତି

ସୂଚନାନୁଯାୟୀ, ଏଠାକାର ଲୋକେ ମୁଖ୍ୟତଃ ଚାଷବାସ ତଥା ପଶୁପାଳନରୁ ସେମାନଙ୍କ ଗୁଜରାଣ ମେଣ୍ଟାଇଥାନ୍ତି। ତା'ଛଡ଼ା ପର୍ଯ୍ୟଟନରୁ ବି ଏଠାକାର ଅର୍ଥନୀତି କିଛିଟା ସୁଦୃଢ଼ ହୋଇଥାଏ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ରହିଛି। ତେବେ ସୂଚନାନୁଯାୟୀ, ଶୀତଦିନେ ଏଠାରେ କୁଆଡ଼େ ତୁଷାରପାତ ହୁଏ। ଆଉ ଏହି ସମୟରେ କିଛି ଲୋକ ଏଠାକୁ ସ୍କିଂ କରିବାକୁ ତଥା ତୁଷାରପାତର ମଜା ନେବାକୁ ଆସିଥାନ୍ତି ବୋଲି ନଜର ରହିଛି। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ଅଛି। ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରଠାରୁ ପ୍ରାୟ ୪୪୮ କି.ମି ଦୂରରେ ଥିବା ଏହି ସ୍ଥାନକୁ ଯିବା ପାଇଁ ନିକଟତମ ରେଳଷ୍ଟେଶନ ହେଉଛି ନାହାରଲାଗୁନ ରେଲୱେ ଷ୍ଟେଶନ ; ଯାହାକି ଇଟାନଗରଠାରୁ ମାତ୍ର ୧୫ କି.ମି ଦୂରରେ ଅବସ୍ଥିତ।



# ବିଶ୍ୱଯୁଦ୍ଧ ଓ ଇନ୍‌ଷ୍ଟାଣ୍ଟ ନୁଡଲ୍ସ



**ବ୍ୟାଚେଲର୍ ହୁଅନ୍ତୁ ଅବା ହଷ୍ଟେଲରେ ରହି ପଢୁଥିବା ପିଲା, ସମସ୍ତଙ୍କର ପ୍ରଥମ ପସନ୍ଦ ଇନ୍‌ଷ୍ଟାଣ୍ଟ ନୁଡଲ୍ସ। ଖୁବ୍ ଜୋର୍‌ରେ ଭୋକ ହେଉଥିବା ବେଳେ ଫଟାଫଟ୍ ତିଆରି ହୋଇଯାଏ। ଖାଇବାକୁ ସ୍ୱାଦିଷ୍ଟ। ପେଟ ବି ଭରେ। ଖାସ୍ ଏଇସବୁ କାରଣରୁ ଏହା ସାରା ପୃଥିବୀରେ ବେଶ୍ ଲୋକପ୍ରିୟ। ତେବେ ଜାଣନ୍ତି କି କିଏ ଏହାର ଜନକ କିଏ ଓ ଏହା କେମିତି ହେଲା ଲୋକପ୍ରିୟ...**

ଏ ହେଉଛି ସେତେବେଳର କଥା, ଯେବେ ଆମେରିକା ଜାପାନର ହିରୋସିମା ଓ ନାଗାସାକି ଉପରେ ପରମାଣୁ ବୋମା ପକାଇଥିଲା। ଜାପାନ ସେତେବେଳେ ଧ୍ୱସ୍ତବିଧ୍ୱସ୍ତ ହେଇଯାଇଥିଲା। ଯେଉଁମାନେ ଜୀବିତ ଥିଲେ ସେମାନଙ୍କର ନା ଥିଲା ମୁଣ୍ଡକୁ ଛାତ ନା ପେଟର ଭୋକ ମାରିବା ପାଇଁ ଖାଦ୍ୟ। ଏଭଳି ସ୍ଥିତିରେ କେମିତି ସମାଧାନ କରିବେ ଜାପାନ ସରକାରଙ୍କ ପାଇଁ ବି ବଡ଼ ଚ୍ୟାଲେଞ୍ଜ ଥିଲା । ତେବେ ଜାପାନ ଉପରେ ପରମାଣୁ ବୋମା ପକାଇବାର କିଛିଦିନ ପରେ ଆମେରିକା ଜାପାନର ଲୋକଙ୍କୁ ଭୋକରେ ମରିବାରୁ ବଞ୍ଚିବା ଲାଗି ବହୁଳ ମାତ୍ରାରେ ଅଟା ପଠାଇଥିଲା ; ଯାହାକୁ ବ୍ୟବହାର କରି ଜାପାନ ସରକାର ବ୍ରେଡ ତିଆରି କରିବେ ଓ ଲୋକଙ୍କ ପେଟ ଭରିବେ। ହେଲେ ଜାପାନର ଲୋକମାନେ ଅଧିକ ମାତ୍ରାର ବ୍ରେଡ ତିଆରି କରିବା ଜାଣି ନ ଥିଲେ। ହେଲେ ସେମାନେ ନୁଡଲ୍ସ ତିଆରି କରିବା ଜାଣିଥିଲେ। କାରଣ ନୁଡଲ୍ସର ଇତିହାସ ବହୁ ପୁରୁଣା, ଯାହାକି ଶହ ଶହ ବର୍ଷ ପୂର୍ବେ ପ୍ରଥମେ ଚାଇନାରେ ତିଆରି ହୋଇଥିବା କୁହାଯାଏ। ହେଲେ ନୁଡଲ୍ସର ଗୋଟେ ଖରାପ କଥା ଥିଲା ଯେ, ତାକୁ ତିଆରି କରିବାକୁ ବହୁତ ସମୟ ଲାଗୁଥିଲା।

ଥରେ ଜାପାନର ଫୁଡ୍ କମ୍ପାନୀ ନିସିନ ଫଡ୍‌ସ୍‌ର ପ୍ରତିଷ୍ଠାତା ମୋମୋଫୁଙ୍କୁ ଆଣ୍ଡୋ ଦେଖିଲେ ଲୋକମାନେ ନୁଡଲ୍ସ ପାଇଁ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଠିଆ ହୋଇ ରହୁଛନ୍ତି। ସେ ଭାବିଲେ ଗୋଟେ କପ୍ ନୁଡଲ୍ ପାଇଁ ଲୋକଙ୍କୁ କେତେ ସମୟ ଠିଆ ହେବାକୁ ପଡୁଛି। ତେଣୁ ଏମିତି ନୁଡ଼ଲ୍ସ ତିଆରି କରାଯିବା ଜରୁରୀ, ଯାହାକୁ ଖାଇଲେ ପେଟ ଭରିବ ଓ କମ୍ ସମୟ ଭିତରେ ପ୍ରସ୍ତୁତ ହୋଇପାରୁଥିବ। ସେଥିପାଇଁ ସେ ନୁଡଲ୍ସ ଉପରେ ଗବେଷଣା କରିବାକୁ ଲାଗିଲେ। ଆଉ ସେ ଇନ୍‌ଷ୍ଟାଣ୍ଟ ତିଆରି ହୋଇପାରୁଥିବା ନୁଡଲ୍ସ ତିଆରି କରିବାରେ ସଫଳ ହେଲେ, ଯାହାକୁ କେବଳ ଗରମ ପାଣିରେ ପକାଇଲେ ଦୁଇ ମିନିଟରେ ପ୍ରସ୍ତୁତ ହୋଇପାରିଲା। ୧୯୫୮ରେ ଏହା ଚିକିନ ରମେନ ନାମରେ ଲଞ୍ଚ ହେଲା। ଲୋକେ ଏହି ନୁଡଲ୍ସକୁ ବହୁତ ପସନ୍ଦ କଲେ। ୧୯୭୧ରେ ସେ ପ୍ରଥମ କପ୍ ନୁଡଲ୍ସ ବି ଆରମ୍ଭ କଲେ। ଆଉ ଧୀରେ ଧୀରେ ଏହା ସାରା ପୃଥିବୀରେ ଲୋକପ୍ରିୟ ହୋଇଗଲା।







# ଫୋଲ୍ଡେବଲ୍ ବାଥଟବ୍

ବାଥ୍‌ଟବ୍‌ରେ ଗାଧୋଇବାର ମଜା ଅଲଗା। ହେଲେ ଜାଗା ଅଭାବରୁ ଅନେକେ ବାଥରୁମ୍‌ରେ ବାଥଟବ୍ କରିପାରି ନ ଥାଆନ୍ତି। ଏବେ କିନ୍ତୁ ଏମିତି ଏକ ବାଥ୍‌ଟବ୍ ଆସିଛି ଯାହାକି ଫୋଲ୍ଡେବଲ୍। ଅର୍ଥାତ୍ ଯେତେବେଳେ ବ୍ୟବହାର କରିବାକୁ ଚାହିଁବେ ଏହାକୁ ଖୋଲି ବାଥ୍‌ଟବ୍‌ର ରୂପ ଦେଇପାରିବେ। ଆଉ କାମ ସରିବା ପରେ ତାକୁ ଫୋଲ୍ଡ କରି ରଖି ଦେଇପାରିବେ। ଏହାକୁ ଫୋଲ୍ଡ କରିବା ବହୁତ ସହଜ। ଖାଲି ସେତିକି ନୁହେଁ ଏଥିରେ ଇଲେକ୍ଟ୍ରୋନିକ ଥର୍ମୋମିଟର ଅଛି ଯାହାଦ୍ୱାରା ପାଣିର ତାପମାତ୍ରାକୁ କମାଇ ଓ ବଢାଇ ହେବ। ଟବ୍ ଭିତରକୁ ଗଲା ପରେ ତାକୁ କଭର କରିବା ଲାଗି ତା' ଉପରେ ଏକ ଲିଡ୍ ବି ରହିଛି। ଲିଡ ଉପରେ ଲାପଟପ୍ ଅବା ମୋବାଇଲ୍ ରଖିବା ଲାଗି ଷ୍ଟାଣ୍ଡ ଅଛି। ଦୁଇ ହାତକୁ ଟବ୍ ଭିତରୁ ବାହାରକୁ ବାହାର କରିବା ଲାଗି ଲିଡରେ କଣା ଅଛି। ଯଦ୍ୱାରା ଆରାମରେ ବାଥ୍‌ଟବ୍‌ରେ ସ୍ନାନ କରିବାର ମଜା ଉଠାଇବା ସହ ମନପସନ୍ଦର ଭିଡିଓ ଦେଖିପାରିବେ ଅବା କିଛି କାମ ବି କରିପାରିବେ।



# ଏତେ ବଡ଼ ହ୍ୟାଟ!

ଆମେରିକାର ତାମ୍ପାରେ ରହୁଥିବା ଓଡ଼ିଲନ ଓଜାରେ ବେଶ୍ ଭଲ ପାଆନ୍ତି ହ୍ୟାଟ୍‌କୁ। ତାଙ୍କ ମତରେ ହ୍ୟାଟ ଯେତେ ଆକର୍ଷକ ଓ ଉଚ୍ଚା, ପିନ୍ଧୁଥିବା ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ସେତେ ମହାନ ଲାଗେ। ଯେମିତିକି ଆବ୍ରାହମ ଲିଙ୍କନଙ୍କ ଉଚ୍ଚା ହ୍ୟାଟ୍ ତାଙ୍କ ବ୍ୟକ୍ତିତ୍ୱକୁ ବଳିଷ୍ଠ କରୁଥିଲା। ଏହି ହ୍ୟାଟ୍ ଆକର୍ଷଣରୁ ଓଡ଼ିଲନ ଛୋଟବେଳେ ତାଙ୍କ ଜେଜେମା'ଙ୍କଠାରୁ ହ୍ୟାଟ ତିଆରି କରିବା ଶିଖିଥିଲେ। ଯେବେ ତାଙ୍କ ଜେଜେବାପାଙ୍କ ଦେହାନ୍ତ ହେଲା ସେ ଓଡ଼ିଲନଙ୍କୁ ଏକ କଣ୍ଢେଇ ଦେଇଥିଲେ, ଯାହା



ପାଇଁ ସେ ଏକ ହ୍ୟାଟ୍ ତିଆରି କଲେ। ତେବେ ସେ ହ୍ୟାଟ୍‌ଟି କଣ୍ଢେଇର ଉଚ୍ଚତାଠୁ ଅଧିକ ଉଚ୍ଚା ହେଇଥିଲା। ତେଣୁ କଣ୍ଢେଇଟି ବେଶ୍ କୌତୁକିଆ ଲାଗୁଥିଲା। ସେ ଭାବିଲେ ନିଜ ପାଇଁ ସେମିତି ଏକ ଉଚ୍ଚା ହ୍ୟାଟ ତିଆରି କରିବେ, ଯାହାକି ତାଙ୍କ ଉଚ୍ଚତାଠୁ ଅଧିକ ହୋଇଥିବ। ଏହାବାଦ ତାଙ୍କର ପିଲାଟିଦିନରୁ ତାଙ୍କର ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇବାର ଇଚ୍ଛା ଥିଲା। ତେଣୁ ସେ ସବୁଠୁ ଉଚ୍ଚା ହ୍ୟାଟ ତିଆରି କରିବାକୁ ନିଷ୍ପତ୍ତି ନେଲେ। ଆଉ ତିଆରି କଲେ ୧୫ ଫୁଟ ୯ ଇଞ୍ଚ ଉଚ୍ଚତାବିଶିଷ୍ଟ ମାଟିଆ ରଙ୍ଗର ଏକ ହ୍ୟାଟ୍। ଯାହା ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠୁ ଉଚ୍ଚା ହ୍ୟାଟ୍ ଭାବେ ସ୍ଥାନ ପାଇଲା।


ବ୍ୟାକ୍ ପେଜ୍



# ବିନା ପେଟ୍ରୋଲ, ବିଜୁଳିରେ ଚାଲୁଥିବା ସ୍କୁଟର

ଆଜିକାଲି ପେଟ୍ରୋଲ ଦାମ ଯେମିତିଭାବେ ବଢ଼ିବାରେ ଲାଗିଛି ଗାଡି ଚଳାଇବାକୁ କଷ୍ଟ ଲାଗୁଛି। ଯଦି ଇଲେକ୍ଟ୍ରିକ୍ ଗାଡି କିଣିବାକୁ ଚାହୁଁଛେ ତା'ର ଦାମ ଏତେ ଅଧିକ ଯେ, କିଣିବା ଅସମ୍ଭବ ହେଇ ଯାଉଛି। ଏମିତିରେ ମଣିଷ କ'ଣ କରିବ କିଛି ଭାବି ପାରୁନି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ଜାଗା ଅଛି ଯେଉଁଠି ଏକ ସ୍କୁଟର ମିଳୁଛି ଯାହା ନା ପେଟ୍ରୋଲରେ ଚାଲେ ନା ବିଜୁଳିରେ। ଆଉ ତା'ର ଦାମ ବି ଏତେ କମ୍ ଯେ, ଯେ କେହି ଚାହିଁବ ସେହି ସ୍କୁଟର ଆଣିବାକୁ। ରିପବ୍ଲିକ ଅଫ କଙ୍ଗୋରେ ମିଳେ ଏହି ସ୍କୁଟର, ଯାହାର ନାଁ ହେଉଛି 'ଚୁକୁଡୁ'। କାଠରେ ତିଆରି ଏହି ସ୍କୁଟରକୁ ଏଠାକାର ସ୍ଥାନୀୟ ଲୋକେ ନିଜେ ତିଆରି କରନ୍ତି ଓ ବିକ୍ରି କରନ୍ତି। କଙ୍ଗୋରେ ଏହାର ବହୁଳ ବ୍ୟବହାର ହୋଇଥାଏ। କାଠରେ ତିଆରି ହେଲେ ବି ଏହା ବହୁତ ମଜଭୁତ। କାହିଁ କେବେଠାରୁ ଏଠାକାର ଲୋକେ ଏହି ସ୍କୁଟର ତିଆରି କରିଆସୁଛନ୍ତି। ଏହାର ମୂଲ୍ୟ ମାତ୍ର ୮୦୦୦ଟଙ୍କା। ଉକ୍ତ ସ୍କୁଟରରେ ବ୍ୟାଟେରୀର ବ୍ୟବହାର ହୋଇ ନ ଥାଏ କି ପେଟ୍ରୋଲ ଅବା ଡିଜେଲର ବ୍ୟବହାର ବି ହୋଇ ନ ଥାଏ। କେବଳ ହ୍ୟାଣ୍ଡେଲ ଧରି ପାଦରେ ମଝିରେ ମଝିରେ କିଛିଟା ଠେଲି ଦେଲେ ତାହା ବେଶ ଆରାମରେ ଗଡିଥାଏ। ବହୁତ ଭାରି ଜିନିଷ ବି ଏଥିରେ ଲଦିକରି ନେଇହୁଏ। ଉକ୍ତ ସ୍କୁଟରର ସବୁ ଅଂଶ କାଠରେ ତିଆରି। ଏମିତିକି ଚକ ବି। ତେବେ କାଠ ଚକ ଉପରେ ଚମଡାର ଆବରଣ କରାଯାଇଥାଏ। ଏହି ସ୍କୁଟରର ବହୁଳ ବ୍ୟବହାର ହେଉଥିବାରୁ ଏହାର ବିରାଟ ପ୍ରତିମୂର୍ତ୍ତି ସହରରେ କରାଯାଇଛି।





# କାର-ଭ୍ୟାନ

ଛୋଟ ପରିବାର ଚାହାନ୍ତି ଏକ ଛୋଟ ଗାଡ଼ି ରଖିବାକୁ। ତେବେ ଯଦି ସାଙ୍ଗ ହୋଇ କେଉଁ ଆଡ଼େ ଯିବାକୁ ଥାଏ, ସେ ଛୋଟ ଗାଡ଼ିରେ ସମସ୍ତଙ୍କୁ ଜାଗା ହୋଇ ନ ଥାଏ। ଏମିତିରେ ଲାଗେ ବଡ଼ ଗାଡି କିଣିଥିଲେ ଭଲ ହେଇଥାଆନ୍ତା। ଏଭଳି ସମସ୍ୟା ଅନେକଥର ଉପୁଜିଥାଏ। ଏହାକୁ ନଜରରେ ରଖି କ୍ରିଷ୍ଟିଆନ ସୁଜେନ ନାମକ ଜଣେ ବ୍ୟକ୍ତି ଡିଜାଇନ କରିଛନ୍ତି ଏଭଳି ଏକ ଗାଡି ଯାହା କେତେବେଳେ ଛୋଟ ଗାଡି ହେଇଯିବ ତ କେବେ ବଡ଼ ଗାଡି ହେଇଯିବ। ଭାବୁଥିବେ ଏମିତି କେମିତି ସମ୍ଭବ। ଏହି ଗାଡିଟି କାର୍ ଓ ଭ୍ୟାନ୍‌ର ମିଶ୍ରଣ। ଏହାକୁ ଏଭଳି ଡିଜାଇନ୍ କରାଯାଇଛି ଯେ, ସାମ୍ନା ଭାଗଟି ଛୋଟ କାର୍ ଭଳି ଯାହାକି ଅଲଗା ହୋଇ ବାହାରିଯିବ। ଅର୍ଥାତ୍ ଯେବେ କେବଳ ଦଇଜଣ ବାହାରକୁ ଯିବାର ଥିବ ସେଥିରେ ବସି ଆରାମରେ ଯାଇହେବ। ଆଉ ଅଧିକ ଲୋକ ଯିବାକୁ ଥିଲେ ତାକୁ ପଛ ଭାଗ ସହ ଯୋଡିଦେଲେ ଭ୍ୟାନ ହେଇଯିବ। ଯଦ୍ୱାରା ଆରାମରେ ଅଧିକ ଲୋକ ସେଥିରେ ଯାଇପାରିବେ। ଏହାର ନାଁ 'କୋଲିମ ଦି ଡିଟାଚେବଲ କାରାଭାନ' ରହିଛି।